# ହୋଟେଲ ଉପରକୁ ବୋମାମାଡ଼; ୩ ଅଟକ







- ୨ କାର୍ କ୍ଷତିଗ୍ରସ୍ତ
- ସରକାରୀ ଗାଡ଼ିରେ ଆସି ଗଣ୍ଡଗୋଳ କଲେ

ସାକ୍ଷୀଗୋପାଳ,୧୫।୪(ସମିସ): ସାମାନ୍ୟ ବଚସାରୁ ସତ୍ୟବାଦୀ ଥାନା ଅନ୍ତର୍ଗତ ପୁରୀ-ଭୁବନେଶ୍ୱର ଜାତୀୟ ରାଜପଥର ସାକ୍ଷୀଗୋପାଳ କଲେଜ ଛକ ନିକଟସ୍ଥ ଜୟା ହୋଟେଲ ଉପରକୁ ବୁଧବାର ଅପରାହ୍ଣରେ ୩ଟି ବୋମାମାଡ଼ ହୋଇଥିଲା। ବୋମା ୩ଟି ଲକ୍ଷ୍ୟଭ୍ରଷ୍ଟ ହୋଇ ହୋଟେଲ ଉପରେ ମାଡ଼ ନ ହୋଇ ଜୟା ହୋଟେଲ ପାର୍ଶ୍ୱରେ ସାକ୍ଷୀଗୋପାଳ କଲେଜ ଛକ ସାକ୍ଷୀଗୋପାଳ ମନ୍ଦିର ବାଇପାସ ରାସ୍ତା ଉପରେ ପଡ଼ିଥିଲା। ଫଳରେ କୌଣସି ବଡ଼ ଧରଣର ଅଘଟଣ ଘଟି ନ ଥିଲେ ହେଁ ଏହି ସମୟରେ ରାସ୍ତାରେ ଯାଉଥିବା ଜନୈକ ବ୍ୟକ୍ତି ଆହତ ହୋଇଥିବା ଜଣାପଡ଼ିଛି। ସାକ୍ଷୀଗୋପାଳ ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ସେ ଘରକୁ ଫେରିଛନ୍ତି। ଖବର ପାଇ ସତ୍ୟବାଦୀ ଥାନା ଆଇଆଇସି ସୌମ୍ୟରଞ୍ଜନ ମହାଳିକ ସଦଳବଳେ ପହଞ୍ଚି ବୋମାମାଡ଼ କରିଥିବା ଗାଡ଼ି ଓ ଏଥିରେ ଥିବା ୩ ଅଭିଯୁକ୍ତଙ୍କୁ ପିପିଲି ଅଞ୍ଚଳରୁ କାବୁ କରି ସତ୍ୟବାଦୀ ଥାନାରେ ଅଟକ ରଖିଛନ୍ତି।

ଅଭିଯୋଗ ଅନୁସାରେ, ବୁଧବାର ଅପରାହ୍ଣ ୨ଟାରେ ଓଡି ୦୨ ସି ୫୭୫୬ ନମ୍ବର ବିଶିଷ୍ଟ ଷ୍ଟେଟ୍ ଅର୍ଗାନାଇଜିଂ ସେକ୍ରେଟାରୀ, ଇଣ୍ଟରନ୍ୟାସନାଲ ହ୍ୟୁମାନ ରାଇଟ୍ସ ଡିଫେଣ୍ଡର୍ସ ଲେଖା ଥିବା ଏକ କାର୍ ଜୟା ହୋଟେଲ ସମ୍ମୁଖରେ ଅଟକିଥିଲା। ଏହି କାର୍‌ରୁ ୪ ଜଣ ଯୁବକ ଉକ୍ତ ହୋଟେଲକୁ ଖାଇବାକୁ ଯାଇଥିଲେ। ଖାଇବା ସମୟରେ ଏହି ଯୁବକମାନେ ଗାଳିଗୁଲଜ ଓ ପାଟିତୁଣ୍ଡ କରିଥିଲେ। ହୋଟେଲରେ ଖାଉଥିବା ଅନ୍ୟ ବ୍ୟକ୍ତିମାନେ ଓ ଦୋକାନ ମାଲିକ ପ୍ରଦୀପ ବାରିକ ଏହାର ବିରୋଧ କରିଥିଲେ। ଫଳରେ ଏହି ଯୁବକ ୪ ଜଣ ଦୋକାନ ମାଲିକ ଶ୍ରୀ ବାରିକଙ୍କୁ ଠେଲାପେଲା କରି ସାଢ଼େ ୨ଟା ସମୟରେ କାର୍‌ରେ ଭୁବନେଶ୍ୱର ଅଭିମୁଖେ ଚାଲିଯାଇଥିଲେ। ହଠାତ୍ ଅପରାହ୍ଣ ୩ଟାରେ ନମ୍ବର ବିହୀନ ଏକ ନୀଳ ରଙ୍ଗର ପିକ୍‌ଅପ୍ ଭ୍ୟାନ୍ ଉକ୍ତ ହୋଟେଲ ନିକଟରେ ରାଜପଥ ଉପରେ ଅଟକିଥିଲା। ଜଣେ ଯୁବକ ହୋଟେଲ ଉପରକୁ ୩ଟି ବୋମାମାଡ଼ କରିଥିଲେ। ଏହି ବୋମାଗୁଡ଼ିକ ଲକ୍ଷ୍ୟ ଭ୍ରଷ୍ଟ ହୋଇ ବାଇପାସ୍ ରାସ୍ତା ଉପରେ ପଡ଼ିଥିଲା। ଫଳରେ ରାସ୍ତାପାର୍ଶ୍ୱରେ ଥିବା ଏକ କାର୍ କ୍ଷତିଗ୍ରସ୍ତ ହୋଇଥିଲା। ଏହି କାର୍‌ର ପଛ କାଚ ଭାଙ୍ଗିଯାଇଛି। ହଂସୁଆ ମାଡ଼ରେ ଆଉ ଏକ କାର୍‌ର ମଧ୍ୟ କାଚ ଫାଟି ଯାଇଛି। ଉପସ୍ଥିତ ଗ୍ରାହକ ଓ ସ୍ଥାନୀୟ ଜନସାଧାରଣ ଏହି ଯୁବକଙ୍କ ନିକଟରେ ବୋମା ଓ ମାରଣାସ୍ତ୍ର ଥିବା ଯୋଗୁଁ ଜୀବନ ବିକଳରେ ଧାଁ ଧଉଡ଼ କରିଥିଲେ। ସତ୍ୟବାଦୀ ଆଇଆଇସି ସେଠାରେ ଚଢ଼ଉ କରି ଅପରାଧୀମାନଙ୍କୁ କାବୁ କରିଥିବାରୁ ଆଇଆଇସି ଶ୍ରୀ ମହାଳିକଙ୍କୁ ସାଧାରଣରେ ବେଶ୍ ପ୍ରଶଂସା କରାଯାଇଛି। ତେବେ ସରକାରୀ ଗାଡ଼ିରେ ଆସି ଗଣ୍ଡଗୋଳ କରୁଥିବା ଯୁବକମାନେ କିଏ ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## ୨୧ ଗ୍ୟାସ୍ ସିଲିଣ୍ଡର ଜବତ

କୃଷ୍ଣପ୍ରସାଦ,୧୫।୪(ସମିସ): ସାରା ଓଡ଼ିଶାରେ ଇନ୍ଧନ ଗ୍ୟାସ୍‌ର ଅଭାବ ଦେଖାଦେଇଥିବା ବେଳେ ସକ୍ରିୟ ହୋଇ ଉଠିଛନ୍ତି ଚୋରା ଗ୍ୟାସ୍ ବେପାରୀ। ଯାହାଦ୍ୱାରା ଗ୍ରାହକମାନେ ଠିକ୍ ଭାବରେ ଗ୍ୟାସ୍ ପାଇବାରୁ ବଞ୍ଚିତ ହେଉଛନ୍ତି। ଗ୍ୟାସ୍ ଚୋରା କାରବାରକୁ ରୋକିବା ପାଇଁ ବୁଧବାର କୃଷ୍ଣପ୍ରସାଦ ଥାନା ଆରକ୍ଷୀ ନିରୀକ୍ଷକ ବିଚିତ୍ରାନନ୍ଦ ପ୍ରଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସଦଳବଳେ ମାଲୁଦ ଅଞ୍ଚଳରେ ଚଢ଼ଉ କରି ଜଣେ ବ୍ୟବସାୟୀଙ୍କ ନିକଟରୁ ଦୁଇଟା ଗ୍ୟାସ୍ ପୂର୍ଣ୍ଣ ଥିବା ଟାଙ୍କି ଏବଂ ୧୯ ଖାଲି ଟାଙ୍କି ଜବତ କରିଛନ୍ତି। କୃଷ୍ଣପ୍ରସାଦ ଥାନା କେସ୍ ନଂ ୧୧୪/୨୬ରେ ଏକ ମାମଲା ରୁଜୁ କରି ଅଜୟ ପୃଷ୍ଟିଙ୍କୁ ଗିରଫ କରିଥିବା ଜଣାଯାଇଛି। ଉକ୍ତ ଚଢ଼ଉରେ ଅନ୍ୟ ବ୍ୟବସାୟୀମାନେ ଛାନିଆ ହୋଇଥିବା ଜଣାଯାଇଛି।

## ଜନଗଣନା; ଆଜିଠୁ ଘର ଘର ବୁଲିବେ ଏନୁମେରେଟର

ପିପିଲି,୧୫।୪(ସମିସ): ଦୀର୍ଘ ୧୫ ବର୍ଷ ପରେ ଦେଶରେ ତଥା ରାଜ୍ୟରେ ହେବ ଜନଗଣନା ଅଭିଯାନ-୨୦୨୭। ପ୍ରଥମଥର ପାଇଁ ଡିଜିଟାଲ ମାଧ୍ୟମରେ ପରିବାରର ତଥ୍ୟ ସଂଗ୍ରହ ହେବ। ପିପିଲି ବ୍ଲକ୍ ଅଧୀନରେ ଥିବା ୨୫ଟି ଗ୍ରାମ ପଞ୍ଚାୟତର ୨୦୭ ଗ୍ରାମରେ ଥିବା ଜନସାଧାରଣଙ୍କ ଜନଗଣନା କରାଯିବ। ଗତ ୧ରୁ ୧୫ ତାରିଖ ପର୍ଯ୍ୟନ୍ତ ସ୍ୱ-ଗଣନା ଚାଲିଥିବାବେଳେ ଏପ୍ରିଲ ୧୬ରୁ ମେ' ୧୫ ତାରିଖ ପର୍ଯ୍ୟନ୍ତ ଘରକୁ ଘର ବୁଲି ଜନଗଣନା କରାଯିବ। ଜନଗଣନା ନିମନ୍ତେ ୨୪୫ ଜଣ ଏନୁମେରେଟର ନିଯୁକ୍ତି ପାଇଛନ୍ତି ଏବଂ ରିଜର୍ଭରେ ୨୫ ଜଣ ଏନୁମେରେଟର ଅଛନ୍ତି। ସେହିଭଳି ସୁପରଭାଇଜର ୩୯ ଜଣ ନିଯୁକ୍ତି ପାଇଥିଲାବେଳେ ୪ ଜଣ ରିଜର୍ଭରେ ଅଛନ୍ତି। ପିପିଲି ପୌରାଞ୍ଚଳରେ ମଧ୍ୟ ୩୪ ଜଣ ଏନୁମେରେଟର ନିଯୁକ୍ତି ପାଇଥିବାବେଳେ ୩ ଜଣ ରିଜର୍ଭରେ ଅଛନ୍ତି। ୬ ଜଣ ସୁପରଭାଇଜର ନିଯୁକ୍ତି ପାଇଥିବାବେଳେ ଜଣେ ରିଜର୍ଭରେ ଅଛନ୍ତି। ଡିଜିଟାଲ ଆପ୍ ମାଧ୍ୟମରେ ହେବ ଡୋର୍ ଟୁ ଡୋର୍ ଜନଗଣନା। ଏନେଇ ପୂର୍ବରୁ ପିପିଲି ତହସିଲ୍ ପକ୍ଷରୁ ପିପିଲି ଜବାହର ବିଦ୍ୟାପୀଠଠାରେ ତିନିଦିନିଆ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ଜନଗଣନା ସମୟରେ ପ୍ରତିଟି ଘରକୁ ଯାଇ ୩୩ଟି ପ୍ରଶ୍ନ ପଚାରି ତାହାର ତଥ୍ୟ ସଂଗ୍ରହ କରିବେ। ଜନଗଣନା କାର୍ଯ୍ୟ ପାଇଁ ଏନୁମେରେଟରମାନଙ୍କୁ ବୁଧବାର ଆବଶ୍ୟକୀୟ ସାମଗ୍ରୀ ପ୍ରଦାନ କରାଯାଇଛି। ସେନ୍ସସ୍ ଚାର୍ଜ ଅଫିସର ଭାବେ ପିପିଲି ତହସିଲ୍‌ର ଅତିରିକ୍ତ ତହସିଲ୍‌ଦାର ବସନ୍ତ କୁମାର ବେହେରା ନିୟୋଜିତ ଅଛନ୍ତି।

## ତ୍ରିନାଥ ଦେବଙ୍କ ବାର୍ଷିକ ଉତ୍ସବ

ଚାରିଛକ,୧୫।୪(ସମିସ): ଚାରିଛକ ନିକଟସ୍ଥ ପଥରପଦା ଗ୍ରାମରେ ପ୍ରତବର୍ଷ ଭଳି ଚଳିତ ବର୍ଷ ତ୍ରିନାଥ ମହାପ୍ରଭୁଙ୍କ ବାର୍ଷିକ ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ପୂଜକ ଶରତ ବାରିକଙ୍କ ଦ୍ୱାରା ପୂଜାକାର୍ଯ୍ୟ ଯଥା ରୀତିନୀତି ଅନୁଯାୟୀ ପୂଜାକାର୍ଯ୍ୟ ସମ୍ପନ୍ନ କରାଯାଇଥିଲା। ଏହି ଅବସରରେ ଠାକୁରଙ୍କ ନିକଟରେ ପଣା ଭୋଗ ହୋଇ ଭକ୍ତମାନଙ୍କୁ ବଣ୍ଟନ କରାଯାଇଥିଲା। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ରାତିରେ ଶ୍ରଦ୍ଧାଳୁମାନଙ୍କ ନିମନ୍ତେ ପ୍ରସାଦସେବନ ବ୍ୟବସ୍ଥା କରାଯାଇଥିଲା।

## ବାନାବାବାଙ୍କ ଆଶ୍ରମରେ ବିଶ୍ୱଶାନ୍ତି ମହାଯଜ୍ଞ

ନୟାହାଟ,୧୫।୪(ସମିସ): ବିଶ୍ୱଶାନ୍ତି ମହାଯଜ୍ଞ ହିନ୍ଦୁ ସନାତନ ଧର୍ମର ପ୍ରଚାରକ ବାନାବାବାଙ୍କ ମଠରେ ମଙ୍ଗଳବାର ଓଡ଼ିଆ ନବବର୍ଷ ରାତିରେ ଉଦ୍‌ଯାପିତ ହୋଇଯାଇଛି। ପ୍ରକାଶ ଯେ, ନୟାହାଟ ଫାଣ୍ଡି ଅନ୍ତର୍ଗତ ଇଶାଣପୁର ପଞ୍ଚାୟତର କଦମ୍ବ ପାଟଣା ଗ୍ରାମରେ ବାନାବାବାଙ୍କ ମଠରେ ହିନ୍ଦୁ ସନାତନ ଧର୍ମର ଉତ୍ସବକୁ ଜଙ୍ଗଲବୋରି ପୂର୍ବତନ ସରପଞ୍ଚ ପ୍ରଣୟ କୁମାର ସାହୁ ଉଦ୍‌ଘାଟନ କରିଥିଲେ। ଏଥିରେ ବହୁ ମହିଳା ଭକ୍ତ ଈଶ୍ୱରପ୍ରେମୀ ଯୋଗଦେଇ ବାବାଙ୍କ ଅଶୀର୍ବାଦ ଭିକ୍ଷା କରିଥିଲେ। ରାତିରେ ଭଜନ ସନ୍ଧ୍ୟା ଅନୁଷ୍ଠିତ ହୋଇଥିଲା।

## ଚାରିଛକ ପ୍ରେସ୍ କ୍ଲବ୍ ତରଫରୁ ପଣା ବଣ୍ଟନ



ଚାରିଛକ,୧୫।୪(ସମିସ): ଚାରିଛକ ପ୍ରେସ୍ କ୍ଲବ୍ ତରଫରୁ ଓଡ଼ିଆ ନବବର୍ଷ ଓ ମହାବିଷୁବ ସଂକ୍ରାନ୍ତି ଉପଲକ୍ଷେ ଚାରିଛକ ପ୍ରେସ୍ କ୍ଲବ୍ ନିକଟରେ ପଣା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରେସ୍ କ୍ଲବ୍ ସଭାପତି ପ୍ରଫୁଲ୍ଲ କୁମାର କରଙ୍କ ଦ୍ୱାରା ଆୟୋଜିତ ପଣା ବଣ୍ଟନ ଉତ୍ସବରେ ଉପସଭାପତି ବସନ୍ତ କୁମାର ଦାସ, ସମ୍ପାଦକ ଡ. କେଦାରନାଥ ସାହୁ, ସଂଗଠନ ସମ୍ପାଦକ ବିଜୟ ବେହେରା, ପ୍ରଫୁଲ୍ଲ ସାହୁ, ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ରାଜେଶ ଲେଙ୍କା, ଦେବାଶିଷ ନାୟକ, ଶଶିକାନ୍ତ ତ୍ରିପାଠୀ, ବସନ୍ତ କୁମାର ମଲ୍ଲ, ପ୍ରଶାନ୍ତ ସାହୁ, ଉପଦେଷ୍ଟା କାହ୍ନୁ ଚରଣ ବେହେରା, ଅଧୀନ କୁମାର ପାତ୍ର, କୃଷ୍ଣ ଚନ୍ଦ୍ର ରାଉତ, ସନାତନ ପାତ୍ର, ଚକ୍ରଧର ସା, ମାନସ ସାହୁ, ଶିକ୍ଷାବିତ୍ ନିରୋଦ ବରଣ ଖୁଣ୍ଟିଆ ପ୍ରମୁଖ ଯୋଗଦେଇ ସହଯୋଗ କରିଥିଲେ। ରାସ୍ତାରେ ଯାଉଥିବା ଯାତ୍ରୀମାନେ ପଣାପିଇ ତୃଷ୍ଣା ମେଣ୍ଟାଇବା ସହିତ ଚାରିଛକ ପ୍ରେସ୍ କ୍ଲବ୍‌ର ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ।

## ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଉଦ୍‌ଯାପିତ

କଣାସ,୧୫।୪(ସମିସ): କଣାସ ବ୍ଲକ୍‌ସ୍ତରୀର ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ବୁଧବାର ଦୟାବିହାରଠାରେ ପ୍ରତିଷ୍ଠିତ ସ୍ୱେଚ୍ଛାସେବୀ ଅନୁଷ୍ଠାନ ନୀଳାଚଳ ସେବା ପ୍ରତିଷ୍ଠାନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ୧୨୧ଜଣ ଭିନ୍ନକ୍ଷମ ବ୍ୟକ୍ତି ଯୋଗଦେଇଥିଲେ। ବିଡିଓ ସୌମ୍ୟରଞ୍ଜନ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଶିବିର ଅନୁଷ୍ଠିତ ହୋଇଥିଲା। ସକାଳ ୭ଟାରୁ ଦିନ ୧୧ଟା ପର୍ଯ୍ୟନ୍ତ ଶିବିର କାର୍ଯ୍ୟ ଚାଲିଥିଲା। ପ୍ରଚାରପ୍ରସାର ଅଭାବରୁ ଏବଂ ସକାଳୁଆ ଶିବିର ଅନୁଷ୍ଠିତ ହୋଇଥିବାରୁ ବହୁ ଭିନ୍ନକ୍ଷମ ବ୍ୟକ୍ତି ଯୋଗଦେଇ ପାରି ନ ଥିଲେ। ଫଳରେ ସେମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି।

## ଲିଟିଲ୍ ଷ୍ଟାର୍ ଗ୍ରୁପ୍ ପକ୍ଷରୁ ବ୍ୟକ୍ତିତ୍ୱ ବିକାଶ କର୍ମଶାଳା

ନିମାପଡ଼ା,୧୫।୪(ସମିସ): ନିମାପଡ଼ାର ଅଗ୍ରଣୀ ଅନୁଷ୍ଠାନ ଲିଟିଲ୍ ଷ୍ଟାର୍ ଗ୍ରୁପ୍ ପକ୍ଷରୁ ପିଲାମାନଙ୍କ ମଧ୍ୟରେ ଲୁଚି ରହିଥିବା ପ୍ରତିଭାର ବିକାଶ କରି ସେମାନଙ୍କ ବ୍ୟକ୍ତିତ୍ୱର ପରାକାଷ୍ଠାକୁ ବଢ଼ାଇବା ଲକ୍ଷ୍ୟରେ ୨୪ତମ ବ୍ୟକ୍ତିତ୍ୱ ବିକାଶ କର୍ମଶାଳା ବୁଧବାର ସ୍ଥାନୀୟ ସରସ୍ୱତୀ ଶିଶୁମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଗ୍ରୁପ୍‌ର ସମ୍ପାଦକ ସୁମନ୍ତ ମହାରଣାଙ୍କ ସଂଯୋଜନାରେ ପିଲାମାନେ ଗୀତ, ବକ୍ତୃତା, ଗଳ୍ପ କଥନ, କବିତା ଆବୃତ୍ତି ଆଦି କ୍ଷେତ୍ରରେ ସେମାନଙ୍କ ପ୍ରତିଭା ପ୍ରଦର୍ଶନ କରିଥିଲେ। ଶିକ୍ଷାବିତ୍ ପ୍ରଣବ ସ୍ୱାଇଁ, ରବୀନ୍ଦ୍ର ନାଥ ପାଢ଼ୀ, ରମେଶ




ଚନ୍ଦ୍ର ସ୍ୱାଇଁ, ବିଦ୍ୟାଳୟର ପ୍ରଧାନଆଚାର୍ଯ୍ୟ ସଞ୍ଜୟ ପ୍ରଧାନ, ଶିକ୍ଷକ ବିମ୍ବାଧର ସାହୁ ପ୍ରମୁଖ ଯୋଗଦେଇ ପିଲାମାନେ ଜୀବନରେ ନିଜର ବ୍ୟକ୍ତିତ୍ୱ ବଳରେ ସାଧୁତା ଓ ସଚ୍ଚୋଟତା ବଜାୟ ରଖି ବଡ଼ ମଣିଷ ହେବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ପ୍ରକାଶ ପାଇଥିବା ସାହିତ୍ୟ ପତ୍ରିକା 'ମୋ ଆଶା'ର ଗ୍ରୀଷ୍ମ ସଂଖ୍ୟା ଉନ୍ମୋଚନ କରାଯାଇ ପିଲାଙ୍କ ଦ୍ୱାରା ସମୀକ୍ଷା କରାଯାଇଥିଲା। ଶିଶୁ ଶିଳ୍ପୀ ଶୁଭମ୍ ମିଶ୍ର ଓ ସ୍ୱର୍ଣ୍ଣ ସ୍ନିଗ୍ଧା ମହାନ୍ତିଙ୍କୁ ଗ୍ରୁପ୍ ପକ୍ଷରୁ ପୁରସ୍କୃତ କରାଯାଇଥିଲା। ଉତ୍ସବରେ ପିଲାମାନଙ୍କ ସହ ସେମାନଙ୍କ ଅଭିଭାବକ ଓ ଶିକ୍ଷକଶିକ୍ଷୟିତ୍ରୀ ଯୋଗଦେଇଥିବା ବେଳେ ପିଲାମାନଙ୍କ ପ୍ରତିଭାର ବିକାଶ ପାଇଁ ଏହି କର୍ମଶାଳା ଏକ ସପ୍ତାହ ଧରି ଏହି ଅନୁଷ୍ଠିତ ହେବ ବୋଲି ଗ୍ରୁପ୍ ସୂତ୍ରରୁ ପ୍ରକାଶ। କାର୍ଯ୍ୟକ୍ରମକୁ ଅଜୟ ମିଶ୍ର, ଅମିୟ ମିଶ୍ର ଓ ଉର୍ମିଳା ମହାରଣା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ଅର୍କଶ୍ରୀ ପକ୍ଷରୁ ବିଷୁବ ମିଳନ




କୋଣାର୍କ,୧୫।୪(ସମିସ): ମଙ୍ଗଳବାର କୋଣାର୍କ ନାଟ୍ୟ ମଣ୍ଡପ ପରିସରରେ ଅର୍କଶ୍ରୀ ପକ୍ଷରୁ ୩୯ତମ ବିଷୁବ ମିଳନ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଓଡ଼ିଆପ୍ତ ନବବର୍ଷକୁ ସ୍ୱାଗତ କରାଯିବା ସହିତ ବାବା ବାଲୁଙ୍କେଶ୍ୱର ମହାଦେବଙ୍କ ନିକଟରେ ପଣା ଭୋଗ କରାଯାଇଥିଲା। ଅର୍କଶ୍ରୀ ସମ୍ପାଦକ ଉମେଶ ଚନ୍ଦ୍ର ସ୍ୱାଇଁଙ୍କ ସଂଯୋଜନା ଓ ସୋଲାରର ସମ୍ପାଦକ ହରିଶ୍ଚନ୍ଦ୍ର ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଭାବେ ସମାଜସେବୀ ରମାକାନ୍ତ ସାହୁ, ଅବସରପ୍ରାପ୍ତ ମଣ୍ଡଳ ଶିକ୍ଷାଧିକାରୀ ଦିଲ୍ଲୀପ କୁମାର ଜେନା, କାଳୀ ମନ୍ଦିର କମିଟି ସଭାପତି ଦୁଃଶାସନ ନାୟକ, ଶୋଭନୀୟ ଶିକ୍ଷାଶ୍ରମର ଅଧ୍ୟକ୍ଷା ବିଦ୍ୟୁଲତା ଶତପଥୀ, ମନୋରମା ମିଶ୍ର, ସୁଲୋଚନା ପ୍ରଧାନ, ଗୋଟିପୁଅ ଗୁରୁ ଜୟକୃଷ୍ଣ ନାୟକ, କୋଣାର୍କ ସାହିତ୍ୟ ସଂସଦ ସମ୍ପାଦକ ରବୀନ୍ଦ୍ରନାଥ ବାହିନୀପତି, ସମାଜସେବୀ ରବୀନ୍ଦ୍ର କୁମାର ପରିଡ଼ା, ପ୍ରକାଶ ପାତ୍ର, କୋଣାର୍କ ନାଟ୍ୟମଣ୍ଡପ ସମ୍ପାଦକ ଶିବାଶିଷ ପ୍ରଧାନ, ଶିକ୍ଷାବିତ୍ କାମଦେବ ବିଶ୍ୱାଳ ପ୍ରମୁଖ ଯୋଗଦେଇ ସୌରମାସର ଆରମ୍ଭ ମହାବିଷୁବ ସଂକ୍ରାନ୍ତି ଓ ଓଡ଼ିଆ ନବବର୍ଷ ପାଳନ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ କବିତାପାଠ ଓ ନୂତନ ପଞ୍ଜିକା ପଠନ ହୋଇଥିଲା। କୋଣାର୍କ ଶୋଭନୀୟ ଶିକ୍ଷାଶ୍ରମର ଛାତ୍ରୀ ତଥା ଶିଶୁ କଳାକାର ସାଇଶ୍ରୀ ଦାଶଙ୍କ ଆକର୍ଷଣୀୟ ଓଡ଼ିଶୀ ନୃତ୍ୟ ପରିବେଷଣ ସମସ୍ତଙ୍କୁ ବିମୋହିତ କରିଥିଲା। ସ୍ୱେଚ୍ଛାସେବୀ ସୁଷମା ପ୍ରଧାନ ଓ ରାନୁ ରାଓ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ମାଛ ବଂଶ ବୃଦ୍ଧିକୁ ନେଇ ଲାଗୁ ହେଲା କଟକଣା

## ସମୁଦ୍ରକୁ ୬୧ ଦିନ ପ୍ରବେଶ ନିଷେଧ



ଅସ୍ତରଙ୍ଗ,୧୫।୪(ସମିସ): ପୁରୀ ଜିଲ୍ଲା ଉପକୂଳବର୍ତ୍ତୀ ଅଞ୍ଚଳ ଯଥା- ଅସ୍ତରଙ୍ଗରୁ-କୋଣାର୍କ-ପୁରୀ-ବ୍ରହ୍ମଗିରି ପର୍ଯ୍ୟନ୍ତ ସମୁଦ୍ରରୁ ମାଛ ମାରିବା ଉପରେ ଜିଲ୍ଲା ମତ୍ସ୍ୟ ବିଭାଗ ପକ୍ଷରୁ କଟକଣା ଲାଗୁ କରାଯାଇଛି। ଅସ୍ତରଙ୍ଗ ନିକଟସ୍ଥ ନୁଆଗଡ଼ ଜେଟିଠାରୁ ଦେବୀ ନଦୀ-କେଲୁଣୀ ମୁହାଣ ପର୍ଯ୍ୟନ୍ତ ମତ୍ସ୍ୟ ବିଭାଗ ପକ୍ଷରୁ ମତ୍ସ୍ୟଜୀବୀମାନଙ୍କୁ ମାଛମାନଙ୍କ ପ୍ରଜନନ ଋତୁରେ ୬୧ ଦିନ ପାଇଁ ସମୁଦ୍ରକୁ ପ୍ରବେଶ ନ କରିବା ପାଇଁ ବାରଣ କରାଯାଇଛି। ମତ୍ସ୍ୟ ବିଭାଗର ଏହି ନିର୍ଦ୍ଦେଶ ପରେ ଶହଶହ ମତ୍ସ୍ୟଜୀବୀ ହାତ ବାନ୍ଧି ବସିଛନ୍ତି।

ମାଛମାନଙ୍କ ବଂଶ ବୃଦ୍ଧି ପାଇଁ ସରକାରଙ୍କ ଦ୍ୱାରା ଲଗାଯାଇଥିବା କଟକଣା ମତ୍ସ୍ୟଜୀବୀମାନଙ୍କ ପରିବାର ପ୍ରତିପୋଷଣ ଉପରେ ପ୍ରଭାବ ପଡ଼ିଥିବା ଦେଖାଦେଇଛି। ଏହି ନିର୍ଦ୍ଦେଶନାମା ଏପ୍ରିଲ୍ ୧୫ରୁ ଜୁନ୍ ୧୪ ତାରିଖ ପର୍ଯ୍ୟନ୍ତ ବଳବତ୍ତର ରହିବା ନେଇ ଜିଲ୍ଲା ମତ୍ସ୍ୟ ବିଭାଗ ପକ୍ଷରୁ ଚିଠି କରାଯାଇଛି। ଦେବୀ ନଦୀ ମୁହାଣ, କେଲୁଣୀ ମୁହାଣ, ଗଙ୍ଗା ଦେବୀ ଏବଂ ନୁଆଗଡ଼ ଜେଟି ଆଦି ଅଞ୍ଚଳରେ ମତ୍ସ୍ୟଜୀବୀମାନଙ୍କୁ ଟ୍ରଲର, ଯନ୍ତ୍ରଚାଳିତ ଡଙ୍ଗା ସମୁଦ୍ର ଭିତରକୁ ପ୍ରବେଶ ନ କରିବା ପାଇଁ ବାରଣ କରାଯାଇଛି। ସେହିପରି କଇଁଛମାନଙ୍କ ସୁରକ୍ଷାକୁ ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ନଭେମ୍ବର ୧ରୁ ମେ' ୩୧ ପର୍ଯ୍ୟନ୍ତ ମଧ୍ୟ ମତ୍ସ୍ୟଜୀବୀମାନଙ୍କ ଉପରେ କଟକଣା ରହିଛି। ରାଜ୍ୟ ସରକାର ସାମୁଦ୍ରିକ ଅଲିଭ୍ ରିଡ୍‌ଲେ ଓ ମାଛମାନଙ୍କ ବଂଶ ବୃଦ୍ଧିକୁ ବିଭିନ୍ନ ସମୟରେ କଟକଣା ଜାରି କରୁଥିବାବେଳେ ଅନ୍ୟପକ୍ଷରେ ଯେଉଁମାନେ ନିଜ ପରିବାର ଚଳାଇବା ପାଇଁ ସମୁଦ୍ର ମାଛ ଉପରେ ନିର୍ଭର କରିଥା'ନ୍ତି, ସେମାନେ ଏବେ କଟକଣା ପାଇଁ ଚିନ୍ତାରେ ପଡ଼ିଛନ୍ତି। ସମୁଦ୍ର ଭିତରକୁ ବାହାରୁ ଅବାଧ ପ୍ରବେଶ କରୁଥିବା ଟ୍ରଲର, ଯନ୍ତ୍ର ଚାଳିତ ଡଙ୍ଗା ପ୍ରବେଶ ନ କରିବା ପାଇଁ ମତ୍ସ୍ୟ ବିଭାଗ, ମେରାଇନ୍ ପୁଲିସ୍ ଓ କୋଷ୍ଟ ଗାର୍ଡ କି ପଦକ୍ଷେପ ନେଉଛନ୍ତି ତାହା ଦେଖିବାକୁ ବାକି ରହିଲା।

## ଶୁଷ୍କ ମରୁଭୂମି ପାଲଟିଛି କୁଶଭଦ୍ରା

## ସ୍ଥିତି ଅନୁଧ୍ୟାନ କଲେ 'କୁଶଭଦ୍ରା ବଞ୍ଚାଅ ଅଭିଯାନ' ଟିମ୍



ନିମାପଡ଼ା,୧୫।୪(ସମିସ): 'କୁଶଭଦ୍ରା ବଞ୍ଚାଅ ଅଭିଯାନ'ର ନେତୃମଣ୍ଡଳୀ କୁଶଭଦ୍ରା ନଦୀର ସ୍ଥିତାବସ୍ଥା ଅନୁଧ୍ୟାନ କରିଛନ୍ତି। ଉପରମୁଣ୍ଡରେ ବାଲିଅନ୍ତାଠାରୁ ରାମଚନ୍ଦ୍ରପୁର ପର୍ଯ୍ୟନ୍ତ କୁଶଭଦ୍ରା ଶଯ୍ୟାର ପ୍ରାୟ ୫ରୁ ୬ କିଲୋମିଟର ପର୍ଯ୍ୟନ୍ତ ୧୦୦ରୁ ୨୦୦ ମିଟର ଚଉଡ଼ାରେ ନଦୀ ଶଯ୍ୟା ଦୀର୍ଘ ବର୍ଷ ଧରି ମାଟି, ପଟୁ ଓ ବିଶାଳ ବାଲିବନ୍ତରେ ପରିପୂର୍ଣ୍ଣ ହୋଇ ପୋତି ହୋଇପଡ଼ିବା ଯୋଗୁଁ କୁଆଖାଇରୁ ଆଦୌ କୁଶଭଦ୍ରାକୁ ପାଣି ପ୍ରବାହିତ ନ ହେବା ଫଳରେ ଶୁଷ୍କ ମରୁଭୂମି ସଦୃଶ ହୋଇପଡ଼ିଛି। ଏପରିକି ବର୍ଷାଦିନେ ହୀରାକୁଦରୁ ନିଷ୍କାସିତ ବନ୍ୟାଜଳ କୁଆଖାଇ ନଦୀରୁ କୁଶଭଦ୍ରା ମଧ୍ୟକୁ ପ୍ରବେଶ କରିପାରୁନାହିଁ କାରଣ ପ୍ରତିବନ୍ଧକ ସାଜିଛି ଏହି ବିଶାଳ କୁଦ ସମୂହ। କୁଶଭଦ୍ରା ବଞ୍ଚାଅ ଅଭିଯାନର ଆବାହକ ଆଦର୍ଶ ଦାଶ, ସଂଯୋଜକ ସମୀର ରଞ୍ଜନ ରାଉତରାୟ, ଅଭିଯାନ କାର୍ଯ୍ୟବାହ ବିଜୟାନନ୍ଦ ଦାସ, ଅଭିଯାନ ଉପଦେଷ୍ଟା ରଞ୍ଜିତ୍ ରଥ, ଅଜୟ କୁମାର ମିଶ୍ରଙ୍କ ସମେତ କିଛି ଯୁବ ସାଥି ନଦୀ ଉପତ୍ତିସ୍ଥଳ ବାଲିଅନ୍ତାରେ ପହଞ୍ଚି କୁଆଖାଇ ମୁହାଣରୁ କୁଶଭଦ୍ରାର ବାସ୍ତବ ଚିତ୍ର ଅନୁଧ୍ୟାନ କରିଛନ୍ତି। ଏହା ସହିତ ନିମାପଡ଼ା, ଗୋପ ସମେତ ପୁରୀ ସଦର, ବାଲିଅନ୍ତା, ବାଲିପାଟଣା ବ୍ଲକ୍‌ର ଲକ୍ଷାଧିକ ଜନସାଧାରଣଙ୍କ ଲାଗି ଏକ ପ୍ରମୁଖ ସମସ୍ୟା ପାଲଟିଥିବା କୁଶଭଦ୍ରା ନଦୀର ପୁନରୁଦ୍ଧାର ତଥା ଚିରସ୍ରୋତା କରାଇବା ଲାଗି ସମସ୍ତ ପ୍ରଚେଷ୍ଟା କରିବାକୁ ସଂକଳ୍ପ ଗ୍ରହଣ କରିଛନ୍ତି। ଜରୁରୀକାଳୀନ ଭିତ୍ତିରେ ବାଲିଅନ୍ତାଠାରୁ ଭିଙ୍ଗାରପୁର ପର୍ଯ୍ୟନ୍ତ ୮ କିଲୋମିଟର ଦୈର୍ଘ୍ୟ ଓ ଅତି କମ୍‌ରେ ୧୦୦ ମିଟର ଚଉଡ଼ାରେ କୁଶଭଦ୍ରା ଶଯ୍ୟା ଖନନ କରାଇଲେ କୁଆଖାଇର ସ୍ରୋତ କୁଶଭଦ୍ରା ନଦୀର ତଳମୁଣ୍ଡ ପର୍ଯ୍ୟନ୍ତ ସଠିକ୍ ଢଙ୍ଗରେ ପ୍ରବାହିତ ହୋଇ ଭୂତଳ ଜଳସ୍ତର ହ୍ରାସ, ଚାଷୀ ଓ ଚାଷର ସମସ୍ୟା ସମାଧାନ ସହିତ ମତ୍ସ୍ୟଜୀବୀମାନେ ମଧ୍ୟ ବର୍ଷ ତମାମ କୁଶଭଦ୍ରା ଯୋଗୁଁ ଉପକୃତ ହୋଇପାରନ୍ତେ ବୋଲି ରାଜ୍ୟ ସରକାରଙ୍କୁ ଆବଶ୍ୟକୀୟ ତଥ୍ୟ ସହିତ ଦାବି ଜଣାଇଛନ୍ତି 'କୁଶଭଦ୍ରା ବଞ୍ଚାଅ ଅଭିଯାନ'।

## ଜଗନ୍ନାଥ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

ନୟାହାଟ,୧୫।୪(ସମିସ): ମନୋବଳ ଇଚ୍ଛାଶକ୍ତି ଅଭାବ ଯୋଗୁଁ ସରକାରୀ ବିଦ୍ୟାଳୟରେ ପାଠ ନ ପଢ଼ି ବେସରକାରୀ ସ୍କୁଲରେ ପାଠ ପଢ଼ିବା ଏକ ଭ୍ରାନ୍ତ ଧାରଣା। ପିଲାଟିର ପ୍ରକୃତ ଗୁରୁ ହେଉଛନ୍ତି ମାଆ ଓ ବାପା, ତା'ପରେ ଶିକ୍ଷକ ବୋଲି ଜଗନ୍ନାଥ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଶିକ୍ଷାବିତ୍ କୈଳାସ ଚନ୍ଦ୍ର ଦାସ ଏହା କହିଥିଲେ। ନୟାହାଟ ଫାଣ୍ଡି ଅନ୍ତର୍ଗତ ଜଙ୍ଗଲବୋରି ପଞ୍ଚାୟତର ମଧୁବନଠାରେ ଥିବା ଜଗନ୍ନାଥ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ୯୯ ବର୍ଷ ପୂରୁଥିବାବେଳେ ତାହାର ବାର୍ଷିକ ଉତ୍ସବରେ ସମ୍ମାନିତ ଅତିଥି ଭାବେ ଗୋପ ସହ ମଣ୍ଡଳ ଶିକ୍ଷା ଅଧିକାରୀ ସମ୍ରାଟ ଭଞ୍ଜଭୋଇ, ମୁଖ୍ୟ ବକ୍ତା ସହମଣ୍ଡଳ ଅଧିକାରୀ ଦେବେନ୍ଦ୍ର ନାଥ କାଣ୍ଡୀ, ସାମ୍ବାଦିକ ଲଲାଟେନ୍ଦୁ ମିଶ୍ର, ପୁରୀ ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘର ସମ୍ପାଦକ ଶିବଦତ୍ତ ନାୟକ, ଗୋପ ଶିକ୍ଷକ ସଂଘର ସମ୍ପାଦକ ସରୋଜ କୁମାର ମିଶ୍ର, କୁଣ୍ଢେଇ ସିଆର୍‌ସିସି ରବୀନ୍ଦ୍ରନାଥ ବାହିନୀପତି, ୱାର୍ଡ ସଭ୍ୟା ଭାନୁମତୀ ମଲ୍ଲିକ, ସମାଜସେବୀ ପ୍ରଣୟ କୁମାର ସାହୁ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରଭାକର ସାହୁ, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଶ୍ରୀଧର ସାହୁ, ବିଦ୍ୟାଳୟର ପ୍ରଧାନଶିକ୍ଷକ ଅରବିନ୍ଦ ସାହୁ ସଭାପତିତ୍ୱ କରିଥିଲେ। ଶିକ୍ଷୟିତ୍ରୀ ଲୋପାମୁଦ୍ରା ମୁଦୁଲି ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିକ୍ଷୟିତ୍ରୀ ମେନକା ପୃଷ୍ଟି ବାର୍ଷିକ ବିବରଣୀ ପାଠ କରିଥିଲେ। ଶେଷରେ କୃତୀ ଛାତ୍ରଛାତ୍ରୀଙ୍କୁ ମାନପତ୍ର ସହ ପୁରସ୍କାର ବିତରଣ କରାଯାଇଥିଲା। ଶେଷରେ କୁନି କୁନି ଛାତ୍ରଛାତ୍ରୀଙ୍କ ଦ୍ୱରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

- ଦେଉଳିମଠରେ ଥିବା ରଥଚକର ସ୍ଥାୟୀ ଗୃହ ମରାମତି ଦାବି

# ଅସ୍ତରଙ୍ଗ ସାମ୍ବାଦିକ ସଂଘ ପକ୍ଷରୁ ଆଇନମନ୍ତ୍ରୀଙ୍କୁ ଦାବିପତ୍ର

ଗମ୍ଭାରୀପଦା,୧୫।୪(ସମିସ)

ମା' ମଙ୍ଗଳାଙ୍କ ଦେଉଳିମଠ ସହିତ ଶ୍ରୀମନ୍ଦିରର ରହିଛି ପାରମ୍ପରିକ ସମ୍ପର୍କ। ପ୍ରତ୍ୟେକ ନବକଳେବର ସମୟରେ ପରମ୍ପରା ଅନୁଯାୟୀ ଦଇତାପତି ସେବାୟତମାନେ ବନଯାଗ ଯାତ୍ରାରେ କାକଟପୁରର ଦେଉଳିମଠକୁ ଯାତ୍ରା ଆରମ୍ଭ କରିଥା'ନ୍ତି। ଦେଉଳିମଠରେ ପହଞ୍ଚିବା ପରେ ମା' ମଙ୍ଗଳାଙ୍କୁ ସ୍ୱତନ୍ତ୍ର ମାର୍ଜନା କରି ଦେଉଳିମଠଠାରେ ସ୍ୱପ୍ନାବତୀ ମନ୍ତ୍ର ଜପ କରି ଅଧିଆ ପଡ଼ିଥାନ୍ତି। ଏହାପରେ ମା' ମଙ୍ଗଳା ଦଇତାପତିଙ୍କୁ ସ୍ୱପ୍ନାଦେଶ ମାଧ୍ୟମରେ ଦାରୁ ଚିହ୍ନଟ କରି ସେହି ସ୍ଥାନର ସୂଚନା ଦେଇଥା'ନ୍ତି। କିନ୍ତୁ ନବକଳେବର ପ୍ରକ୍ରିୟା ଆରମ୍ଭରୁ ଦେଉଳିମଠକୁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ କୌଣସି ରଥଚକ ପ୍ରଦାନ କରାଯାଇ ନ ଥିଲା। ଦୀର୍ଘ ବର୍ଷ ପରେ ଅସ୍ତରଙ୍ଗ ସାମ୍ବାଦିକ ସଂଘ ପକ୍ଷରୁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କୁ ଦେଉଳିମଠକୁ ରଥଚକ ପ୍ରଦାନ କରିବା ନିମନ୍ତେ ଏକ ଦାବିପତ୍ର ତା ୧.୯.୨୦୨୫ ରିଖରେ ପ୍ରଦାନ



କରାଯାଇଥିଲା। ଏହା ଆଧାରରେ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ରଥର ଏକ ଚକ ଦେଉଳିମଠ ୨୭.୧୦.୨୦୨୫ରେ ପ୍ରଦାନ କରିଥିଲେ। ଏହି ରଥଚକକୁ ଅସ୍ତରଙ୍ଗ ସାମ୍ବାଦିକ ସଂଘ ପକ୍ଷରୁ ଭବ୍ୟ ସମ୍ବର୍ଦ୍ଧନା ସହକାରେ ଶ୍ରୀକ୍ଷେତ୍ରରୁ ଦେଉଳିମଠକୁ ଅଣାଯାଇଥିଲା। ଏହି ରଥଚକଟିକୁ ଦେଉଳିମଠର ଅସ୍ଥାୟୀ ବାରଣ୍ଡାରେ ରଖାଯାଇଛି। ଦେଉଳିମଠଠାରେ ରଥଚକ ରହିବା ପାଇଁ ଏକ ଗୃହ ନିର୍ମାଣ କରାଯାଇଥିଲେ ମଧ୍ୟ ଏହାର ମରାମତି କାର୍ଯ୍ୟ ଅଧପନ୍ତରିଆ ଭାବରେ ପଡ଼ି ରହିଥିବା ଯୋଗୁଁ ଏହି ଗୃହରେ ରଥଚକ ରଖାଯାଇପାରୁ ନାହିଁ।

ବୁଧବାର ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କାକଟପୁର ଗସ୍ତ କରି ଦେଉଳିମଠଠାରେ ଏକ ସରକାରୀ କାର୍ଯ୍ୟକ୍ରମରେ ଆସିଥିବାବେଳେ ଅସ୍ତରଙ୍ଗ ସାମ୍ବାଦିକ ସଂଘ ପକ୍ଷରୁ ତାଙ୍କୁ ଭେଟି ଅଧପନ୍ତରିଆ ଭାବରେ ରହିଥିବା ଗୃହକୁ ମରାମତି କରାଯାଇ ତାହାକୁ ପୂର୍ଣ୍ଣ ଭାବରେ ନିର୍ମାଣ କରାଇବା ପାଇଁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ର ଗ୍ରହଣ କରି ଶ୍ରୀ ହରିଚନ୍ଦନ ଏଥିପାଇଁ ଖୁବ୍‌ଶୀଘ୍ର ରାଜ୍ୟ ସରକାରଙ୍କ ପକ୍ଷରୁ ଆର୍ଥିକ ବ୍ୟବସ୍ଥା ଯୋଗାଇ ଦିଆଯିବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି। ଏହି ଦାବିପତ୍ର ପ୍ରଦାନ ସମୟରେ ଅସ୍ତରଙ୍ଗ ସାମ୍ବାଦିକ ସଂଘର ପରାମର୍ଶଦାତା ନିରଞ୍ଜନ ଦାସ, ଦୁଃଶାସନ ନାୟକ, ପ୍ରଶାନ୍ତ ବାରିକ, ପ୍ରସାର ଖୁଣ୍ଟିଆ, କାର୍ଯ୍ୟକାରୀ ସଭାପତି ଆର୍ଜୟମ ବିଶ୍ୱାଳ, ସମ୍ପାଦକ ଲୋକନାଥ ସ୍ୱାଇଁ, କୋଷାଧ୍ୟକ୍ଷ ସମୀର କୁମାର କର, ସମୀର ବେଉରା, ସାଂସ୍କୃତିକ ସମ୍ପାଦକ ମନୋଜ କୁମାର ବିଶ୍ୱାଳ, 'ସକାଳ' ପ୍ରତିନିଧି ପ୍ରକାଶ କୁମାର ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

ଶ୍ରଦ୍ଧାଞ୍ଜଳି

ଦଶମ ଶ୍ରାଦ୍ଧବାର୍ଷିକୀ



୰ ଶରତ କୁମାର ମହାନ୍ତି

ବିଶାଦଣ୍ଡା, ବାସୁଦେବପୁର, ଭଦ୍ରକ

ଆବିର୍ଭାବ : ୨୫.୦୧.୧୯୫୯, ତିରୋଧାନ : ୧୬.୦୪.୨୦୧୬

ଦଶମ ଶ୍ରାଦ୍ଧବାର୍ଷିକୀ ଅବସରରେ ଆପଣଙ୍କ ପବିତ୍ର ତଥା ଅମର ଆତ୍ମାର ସଦ୍‌ଗତି ଓ ଚିରଶାନ୍ତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା।

ଶ୍ରଦ୍ଧାଞ୍ଜଳି ସହ: ସମସ୍ତ ପରିବାରବର୍ଗ, ବନ୍ଧୁ ଓ ଆତ୍ମୀୟସ୍ୱଜନ

● ଗଣିଆ ଲଙ୍କାପୋଡ଼ି ଯାତ୍ରାର ସପ୍ତମ ସନ୍ଧ୍ୟା

## ସୀତାଙ୍କୁ ଠାବକଲେ ବୀର ହନୁମାନ



**ଗଣିଆ,୧୫ ।୪(ସମିସ):** ଗଣିଆ ଲଙ୍କାପୋଡ଼ି ଯାତ୍ରାର ସପ୍ତମ ସନ୍ଧ୍ୟାରେ ରାମଲୀଳା ପରିଷଦ କଳାକାରଙ୍କୁ ନେଇ ସୀତା ଠାବ ନାଟକ ମଞ୍ଚସ୍ଥ ହୋଇଛି । ବାଳିକୁ ବଧ କରିବା ପରେ ପ୍ରଭୁ ଶ୍ରୀରାମଚନ୍ଦ୍ର ସୁଗ୍ରୀବଙ୍କୁ କିଷ୍କିନ୍ଧ୍ୟାର ରାଜା କରାଇଲେ । ସୁଗ୍ରୀବ ନିଜ ସେନାକୁ ଚାରି ଦିଗକୁ ପଠାଇ ସୀତାଙ୍କୁ ଖୋଜିବାରେ ଲାଗିପଡ଼ିଲେ । ପରେ ଅଷ୍ଟସେନାଙ୍କ ମଧ୍ୟରେ ଭାଳେଣି ପଡ଼ିଲା ଯେ କିଏ ସମୁଦ୍ର ପାରହୋଇ ସୀତାଙ୍କୁ ଠାବ କରି ପୁଣି ଫେରିପାରିବ । ହନୁମାନଙ୍କ ବ୍ୟତୀତ ଏହି କାର୍ଯ୍ୟ କରିବାକୁ ସମସ୍ତେ ଅସାମର୍ଥ୍ୟ ପ୍ରକାଶ କଲେ । ଶେଷରେ ହନୁମାନ ସୀତାଙ୍କୁ ଠାବ କରିବାକୁ ବାହାରିଲେ । ଲଙ୍କା ନଗରୀରେ ପହଞ୍ଚି ଗୋରୁପଲଙ୍କ ସହ ହନୁମାନ ଲଙ୍କାଗଡ଼ରେ ପ୍ରବେଶ କଲେ । ଚାରିଆଡ଼େ ଖୋଜିବା ପରେ ସୀତାଙ୍କୁ ନ ପାଇ ଅଶୋକ ବନରେ ପ୍ରବେଶ କଲେ । କିଛି ଦୂରରେ ରହି ହନୁମାନ ସୀତାଙ୍କ ଗୁଣଗାନ କରିଥିଲେ । କିନ୍ତୁ ଏହା ଅସୁରଙ୍କ ମାୟା ହୋଇଥାଇପାରେ ବୋଲି ସୀତା ସନ୍ଦେହ କଲେ । ପରେ ହନୁମାନ ସୀତାଙ୍କ ସମ୍ମୁଖକୁ ଆସି ପ୍ରଭୁ ଶ୍ରୀରାମଚନ୍ଦ୍ର ମୁଦ୍ରିକା ପ୍ରଦାନ କଲେ । ଶ୍ରୀରାମଙ୍କ ମୁଦ୍ରିକା ଦେଖି ସୀତା ଭାବବିହ୍ୱଳ ହୋଇପଡ଼ିଥିଲେ । ହନୁମାନ ଶ୍ରୀରାମଙ୍କ ସମ୍ପର୍କରେ ସମସ୍ତ ତଥ୍ୟ ପ୍ରଦାନ କରିଥିଲେ । ଅଶୋକ ବନରେ ସୁସ୍ୱାଦୁ ଫଳଦେଖି ଖାଇବାକୁ ହନୁମାନ ମନ ବଳାଇଲେ । ସେ ଅଶୋକ ବନରେ ପଶି ଫଳ ଖାଇବା ସହ ବନକୁ ଧ୍ୱଂସ କରିଦେଲେ । ଯୁଦ୍ଧ କରି ରାବଣର ପୁତ୍ର ଅକ୍ଷୟ କୁମାରଙ୍କୁ ହତ୍ୟା କରିବା ପରେ ଇନ୍ଦ୍ରଜିତ ହନୁମାନଙ୍କୁ ବନ୍ଦୀ କରି ରାଜସଭାକୁ ନେଇଥିଲେ । ସେଠାରେ ହନୁମାନଙ୍କ ଲାଙ୍ଗୁଡ଼ରେ ଅଗ୍ନି ସଂଯୋଗ କରି ଛାଡ଼ି ଦେଇଥିଲେ । ହନୁମାନ ଲଙ୍କା ନଗରୀରେ ପଶି ସମସ୍ତ ନଅରକୁ ଧ୍ୱଂସ କରିଥିଲେ । ଏହି ଦୃଶ୍ୟ ଅତ୍ୟନ୍ତ ମନମୁଗ୍ଧକର ଥିଲା । ହନୁମାନ ଚରିତ୍ରରେ ଅଭିନୟ କରୁଥିବା ରାକେଶ ଷଡ଼ଙ୍ଗୀଙ୍କ ଅଭିନୟ ଅତ୍ୟନ୍ତ ହୃଦୟସ୍ପର୍ଶୀ ଥିଲା । ଶୁକ୍ରବାର ସେତୁବନ୍ଧ ପ୍ରତିଷ୍ଠା, ରାବଣର ଛତ୍ରଭଙ୍ଗ, ବିଭୀଷଣ ଶରଣ ନାଟକ ମଞ୍ଚସ୍ଥ ହେବ ବୋଲି ଜଣାପଡ଼ିଛି ।

■ ପ୍ରଥମ ଓଡ଼ଗାଁ ୨୦ ବର୍ଷରୁ କମ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ

## ଦେଓଗାଁକୁ ହରାଇ ଫାଇନାଲରେ ରଙ୍ଗଣୀପାଟଣା



**ଓଡ଼ଗାଁ,୧୫ ।୪(ସମିସ):** ଓଡ଼ଗାଁ ମିନି ଷ୍ଟାଡିୟମରେ ରଘୁନାଥ ଆଥଲେଟିକ୍ ଆସୋସିଏସନ୍ (ଆରଏଏ) ପକ୍ଷରୁ ଆୟୋଜିତ ପ୍ରଥମ ୨୦ ବର୍ଷରୁ କମ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟର ୬ଷ୍ଠ ଦିନରେ ବୁଧବାର ଦେଓଗାଁ ଓ ରଙ୍ଗଣୀପାଟଣା ମଧ୍ୟରେ ସେମିଫାଇନାଲ୍ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା । ରଙ୍ଗଣୀପାଟଣା ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଛି । ଟସ୍ ଜିତି ଦେଓଗାଁ ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ସମସ୍ତ ଉଇକେଟ ହରାଇ ୬୫ ରନ୍ କରିଥିଲା । ଜବାବରେ ରଙ୍ଗଣୀପାଟଣା ଦଳ ୮ ଓଭରରେ ମାତ୍ର ଗୋଟିଏ ଉଇକେଟ ହରାଇ ୬୬ ରନ୍ କରି ବିଜୟୀ ହୋଇଥିଲା । ବିଜୟୀ ଦଳର ଗୁଡ୍ଡୁ ୮ ବଲରେ ୧୮ ରନ୍ ସଂଗ୍ରହ କରିଥିଲେ । ସଞ୍ଜୟ ୨ ଓଭରରେ ମାତ୍ର ୫ ରନ୍ ଦେଇ ଗୋଟିଏ ଉଇକେଟ ନେଇଥିବାରୁ ତାଙ୍କୁ ମ୍ୟାନ୍ ଅଫ ଦି ମ୍ୟାଚ ଘୋଷଣା କରାଯାଇଥିଲା । ଆରଏଏ ସମ୍ପାଦକ ଦିବାକର ନାୟକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉତ୍ସବରେ ଦଳର ଭେଟରାନ୍ ଖେଳାଳି ଦୀନନାଥ ମାଝୀ ଅତିଥି ଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ । ରାମେଶ୍ୱର, ତୋଫାନ, ସାଇ, ରାଜଶେଖର, ଲିଟି, ସୌମ୍ୟରଞ୍ଜନ, ସୁନୀଲ ଓ ବିଶ୍ୱଜିତ ଟୁର୍ଣ୍ଣାମେଣ୍ଟ ପରିଚାଳନା କରିଥିଲେ । ଗୁରୁବାର ଓଡ଼ଗାଁ ରଘୁନାଥ ଆଥଲେଟିକ୍ ଆସୋସିଏସନ୍ ଓ ରଙ୍ଗଣୀପାଟଣା ମଧ୍ୟରେ ଫାଇନାଲ୍ ମ୍ୟାଚ୍ ଖେଳାଯିବ ।

# ନିଲାମ ବାଲି ଗଦାପାଇଁ ୱାଇ ଫର୍ମ; ମହାନଦୀରୁ ଉଠୁଛି ବାଲି

● ଖଣି, ରାଜସ୍ୱ ଓ ପୁଲିସ ବିଭାଗ ଚୁପ
● ପଥରଚକଡ଼ାରେ ବେଆଇନ ବାଲିଘାଟ
● ଖଣି ଅଧିକାରୀଙ୍କ ଭୂମିକା ସନ୍ଦେହଜନକ
● ବେଆଇନ ବାଲି କାରବାରରେ ସିଣ୍ଡିକେଟ୍

**ନୟାଗଡ଼,୧୫ ।୪(ସମିସ):**

ନୟାଗଡ଼ ଜିଲ୍ଲାକୁ ଲାଗି ବହି ଯାଇଛି ମହାନଦୀ । ତେବେ ମହାନଦୀରୁ ବେଆଇନ ବାଲି କାରବାରକୁ ନିୟନ୍ତ୍ରଣ କରୁଛି ଏକ ସିଣ୍ଡିକେଟ୍ । କିଛି ବାଲି ମାଫିଆଙ୍କ ଦ୍ୱାରା ଗଠିତ ହୋଇଥିବା ବେଆଇନ ସିଣ୍ଡିକେଟ୍ ପଛରେ ଜଣେ ବିଧାୟକଙ୍କ ପ୍ରଚ୍ଛନ୍ନ ଭୂମିକା ରହିଛି । ବିଗତ ଦିନରେ ଖଣିମନ୍ତ୍ରୀ ବିଭୂତି ଜେନା ନୟାଗଡ଼ ଗସ୍ତରେ ଆସି ଅନେକ ବାଲି ବୋଝେଇ ଗାଡ଼ି ଧରିବା ପରେ ବାଲି ମାଫିଆଙ୍କ ମଧ୍ୟରେ କୋକୁଆ ଭୟ ସୃଷ୍ଟି ହୋଇଥିଲା । ଏହା ପରେ ସିଣ୍ଡିକେଟ୍ ଗଠନ ହୋଇଥିବା ଜଣାପଡ଼ିଛି । ବେଆଇନ ବାଲି କାରବାରକୁ ସୁରୁଖୁରରେ ଚଲାଇବା ପାଇଁ ସିଣ୍ଡିକେଟ୍ ବୁଝାସୁଝା କରୁଥିବା ବେଳେ ଟ୍ରିପ୍ ପିଛା ସିଣ୍ଡିକେଟ୍ ନିୟନ୍ତ୍ରଣ କରୁଥିବା ବ୍ୟକ୍ତିଙ୍କୁ ହଜାର ଟଙ୍କା ଲେଖାଏଁ ଦିଆଯାଉଛି । ଜଣେ ପୁଲିସ ଅଧିକାରୀ ଏବଂ ନେତା ଏହି ଅର୍ଥ ପାଉଥିବା ବେଳେ ସରକାରଙ୍କ ରାଜସ୍ୱ ହାନି ଘଟୁଛି ।

ଖଣ୍ଡପଡ଼ା ତହସିଲ ଅନ୍ତର୍ଗତ ଗଣିଆଠାରୁ ଭାପୁର ବ୍ଲକ ପଥରଚକଡ଼ା ମଧ୍ୟରେ ଅନେକ ବେଆଇନ ବାଲିଘାଟ ରହିଛି । ଏହି ବାଲିଘାଟ ମଧ୍ୟରୁ କିଛି ନିଲାମ ହୋଇଥିବା ବେଳେ ଅନେକ ବେଆଇନ ଭାବେ ଚାଲୁଛି । ନିଲାମ ବାଲିଘାଟରୁ ବାଲି ଉଠା ଯାଉଥିଲେ ମଧ୍ୟ ୱାଇ ଫର୍ମ ଗାଡ଼ିଗୁଡ଼ିକୁ ପ୍ରଦାନ କରାଯାଉନାହିଁ । ପଥରଚକଡ଼ା ବାଲିଘାଟ କାଗଜପତ୍ରରେ ବନ୍ଦ ଥିବା ବେଳେ ଅତ୍ୟନ୍ତ ଚତୁରତାର ସହ ଏହାକୁ ପରିଚାଳନା କରାଯାଉଛି । ନିକଟରେ ଏକ ବାଲିଗଦାକୁ ଖଣି ବିଭାଗ ନିଲାମ ଦେଇ ମାଫିଆଙ୍କୁ ୱାଇ ଫର୍ମ ଧରାଇ ଦେଇଛି । ଉକ୍ତ ୱାଇ ଫର୍ମ ଜରିଆରେ ପଥରଚକଡ଼ା ମହାନଦୀରୁ ବାଲି ଉଠୁଛି । ପ୍ରତି ହାଇୱା ଟ୍ରିପ ପିଛା ଲୋଡ଼ିଂ ପାଇଁ ୪ ହଜାର ଲେଖାଏଁ ଆଦାୟ କରାଯାଉଥିବା ବେଳେ ଗୋଟିଏ ଗାଡ଼ି ପିଛା ୱାଇ ଫର୍ମ ବାବଦ ୪,୫୦୦ ଟଙ୍କା ନିଆଯାଉଛି । ଭାପୁର ଅଞ୍ଚଳର ଜଣେ ଦୁର୍ନୀତିଖୋର ନେତା ଏହାକୁ ନିୟନ୍ତ୍ରଣ କରୁଥିବା ସୂଚନା ମିଳିଛି । ଜିଲ୍ଲା ପ୍ରଶାସନକୁ ଭୁଆଁ ବୁଲାଇ ଖଣି ବିଭାଗ ସାଂଘାତିକ ଖେଳ କରିଛି । ଏହାର ଭିଜିଲାନ୍ସ ତଦନ୍ତ କରାଗଲେ ପ୍ରକୃତ ତଥ୍ୟ ସାମ୍ନାକୁ ଆସିବ ବୋଲି ମତ ପ୍ରକାଶ ପାଇଛି ।

ସିଧାମୂଳା ଓ ପଥରଚକଡ଼ା ବାଲିଘାଟରୁ ଦୈନିକ ୩ ଶହରୁ ଊର୍ଦ୍ଧ୍ୱ ଟ୍ରିପ ବାଲି ହାଇୱାରେ ବୋଝେଇ ହେଉଥିବା ବେଳେ ସରକାର ଲକ୍ଷ ଲକ୍ଷ ଟଙ୍କା ରାଜସ୍ୱ ହରାଉଛନ୍ତି । ବେଆଇନ ବାଲି କାରବାର ରୋକିବା ଦିଗରେ ଖଣି, ରାଜସ୍ୱ ଏବଂ ପୁଲିସ ବିଭାଗ ଯେଉଁଭଳି କାର୍ଯ୍ୟ କରିବା କଥା, ତାହା କରୁନାହିଁ । କୌଣସି ସ୍ଥାନରେ ଧରପଗଡ଼ ନ ଥିବା ବେଳେ ବିଭିନ୍ନ ଥାନା ଓ ତହସିଲ କର୍ମଚାରୀ ମାସିକିଆ ଚାନ୍ଦାରେ ସନ୍ତୁଷ୍ଟ ହେଉଛନ୍ତି । ସେହିଭଳି ଖଣି ଅଧିକାରୀ ସିଣ୍ଡିକେଟ୍ ଆଗରେ ମୁଣ୍ଡ ନୁଆଁଇଥିବା ଅଭିଯୋଗ ହେଉଛି । ନୟାଗଡ଼ ସହର ଓ ଆଖପାଖ ଅଞ୍ଚଳକୁ ଦୈନିକ ଶହେ ଟ୍ରିପ୍ ବାଲି ଆସୁଥିବା ବେଳେ ଓଡ଼ଗାଁ ସମେତ ଜିଲ୍ଲାର ବିଭିନ୍ନ ସ୍ଥାନକୁ ବାଲି ବୋଝେଇ ହାଇୱା ଗତାଗତ କରୁଛି । ଜିଲ୍ଲା ବାହାରକୁ ମଧ୍ୟ ବଡ଼ ବଡ଼ ଗାଡ଼ିରେ ବାଲି ବୋଝେଇ ହୋଇ ଯାଉଛି । ସିଧାମୂଳା ଗ୍ରାମରେ ଏହାକୁ ନେଇ ଚାପା ଅସନ୍ତୋଷ ମଧ୍ୟ ପ୍ରକାଶ ପାଇଛି । ଦୈନିକ ଶହ ଶହ ହାଇୱା ଗାଁ ଭିତରେ ଯା'ଆସ କରୁଥିବାରୁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦାନା ବାନ୍ଧିଛି । ସ୍ଥାନୀୟ ଲୋକେ ଏନେଇ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ ପାଇଁ ସଜବାଜ ହେଉଛନ୍ତି । ଜିଲ୍ଲାର କିଛି ବରିଷ୍ଠ ପ୍ରଶାସନିକ ଅଧିକାରୀ ମଧ୍ୟ ଏହି ବେଆଇନ ବାଲି କାରବାର ଲିଙ୍କରେ ସାମିଲ ଥିବା ଆଲୋଚନା ହେଉଛି । ସରକାରଙ୍କ ଖାତାକୁ ସାମାନ୍ୟ ରାଜସ୍ୱ ଆସୁଥିବା ବେଳେ ବେଆଇନ କାରବାର ଦ୍ୱାରା ଲକ୍ଷ ଲକ୍ଷ ଟଙ୍କା ରାଜସ୍ୱ ହାନୀ ହେଉଥିବା ଅଭିଯୋଗ ହେଉଛି । ଜିଲ୍ଲାପାଳ ଏ ଦିଗରେ ପଦକ୍ଷେପ ନେବାକୁ ଦାବି ହେଉଛି । ଜିଲ୍ଲାକୁ ଲାଗି ବହି ଯାଇଥିବା ମହାନଦୀରୁ ବାଲି ଉଠାଣ ହେଉଥିବା ବେଳେ ଜିଲ୍ଲା ଭିତରେ ପ୍ରବାହିତ ଛୋଟ ନଦୀଗୁଡ଼ିକରୁ ମଧ୍ୟ ବ୍ୟାପକ ଭାବେ ବେଆଇନ ବାଲି ଉଠୁଛି । ବିଭିନ୍ନ ସ୍ଥାନରେ ବେଆଇନ ଘାଟ କରି ଟ୍ରାକ୍ଟର ଜରିଆରେ ବାଲି ଉଠାଣ ହେଉଛି । କୁସୁମୀ, ଦୁଆଣ୍ଟ, ଲୁଣିଝରା, ଡାହୁକା, କୁଆଁରିଆ ନଦୀରୁ ବେଆଇନ ବାଲି ଉଠାଣ ହେଉଥିଲେ ମଧ୍ୟ ପୁଲିସ, ରାଜସ୍ୱ, ଖଣି ବିଭାଗ ସବୁ ଜାଣି ନିରବ ରହିଛନ୍ତି ।

ତିନି ବର୍ଷ ବିତିବାକୁ ବସିଲାଣି

## କାର୍ଯ୍ୟକ୍ଷମ ହୋଇପାରୁନି ୨୮ ନୂଆ ପ୍ୟାକ୍ସ

**ନୟାଗଡ଼,୧୫ ।୪(ସମିସ):** ଜିଲ୍ଲାରେ ୨୦୨୨-୨୩ ବର୍ଷରେ ୨୮ଟି ନୂଆ ସମବାୟ ସମିତି (ପ୍ୟାକ୍ସ) ଗଠନ କରାଯାଇଥିଲା । ଏହି ସମବାୟ ସମିତିଗୁଡ଼ିକୁ କାର୍ଯ୍ୟକ୍ଷମ କରିବାକୁ ସରକାରଙ୍କ ନିର୍ଦ୍ଦେଶ ଥିଲା । ପ୍ୟାକ୍ସଗୁଡ଼ିକର ପରିଚାଳନା ପରିଷଦ ଗଠନ ପାଇଁ ମଧ୍ୟ ସରକାର ଚିଠି କରିଥିଲେ । ମାତ୍ର ତିନିବର୍ଷ ବିତିବାକୁ ବସିଥିଲେ ମଧ୍ୟ ନୂତନ ସମବାୟ ସମିତିଗୁଡ଼ିକ କାର୍ଯ୍ୟକ୍ଷମ ହୋଇ ନ ପାରିବା ସମବାୟ ବିଭାଗର ପାରିବାପଣିଆକୁ ପଦାରେ ପକାଇଛି ।

ପୂର୍ବରୁ ଜିଲ୍ଲାରେ ୧୫୭ଟି ସମବାୟ ସମିତି କାର୍ଯ୍ୟ କରୁଥିଲା । ରାଜ୍ୟ ସରକାର ପ୍ରତି ପଞ୍ଚାୟତରେ ଗୋଟିଏ ସମବାୟ ସମିତି ଗଠନ କରିବାକୁ ନିୟମ କରିବା ପରେ ଜିଲ୍ଲାରେ ୨୮ ନୂତନ ପ୍ୟାକ୍ସ ଗଠନ ହୋଇଥିଲା । ଏହି ସମବାୟ ସମିତି ମଧ୍ୟରୁ ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ ଅଧୀନରେ ୧୫ଟି ଏବଂ ନୟାଗଡ଼ କେନ୍ଦ୍ର ସମବାୟ ବ୍ୟାଙ୍କ ଅଧୀନରେ ୧୩ଟି ଗଠନ ହୋଇଥିଲା । ନୟାଗଡ଼ ଜିଲ୍ଲାର ୮ ବ୍ଲକ ମଧ୍ୟରୁ କେବଳ ରଣପୁର ବ୍ଲକରେ ୧୬ଟି ନୂତନ ସମବାୟ ସମିତି ଗଠନ ହୋଇଥିବା ବେଳେ ଅନ୍ୟ ୭ ବ୍ଲକରେ ମାତ୍ର ୧୨ଟି ସମବାୟ ସମିତି ଗଠିତ ହୋଇଛି । ନବଗଠିତ ସମବାୟ ସମିତି ମଧ୍ୟରେ ଦଶପଲ୍ଲା ନଛିପୁରରେ ଆଞ୍ଚଳିକ ପ୍ୟାକ୍ସ, କୁଆଁରିଆ ପ୍ୟାକ୍ସ, ଗଣିଆରେ କିଶୋରପ୍ରସାଦ ପ୍ୟାକ୍ସ, ଖଣ୍ଡପଡ଼ାରେ ରାଣୀପଡ଼ା ପ୍ୟାକ୍ସ, ନୟାଗଡ଼ରେ ଲକ୍ଷ୍ମୀପ୍ରସାଦ ପ୍ୟାକ୍ସ, ଶରଣକୁଳ (ଜହ୍ନପଦା) ପ୍ୟାକ୍ସ, ମୁଥାଗାଡ଼ିଆ ପ୍ୟାକ୍ସ, ନବଘନପୁର ପ୍ୟାକ୍ସ, ନୂଆଗାଁ ସିକ୍ରିଡ଼ା ଆଞ୍ଚଳିକ ପ୍ୟାକ୍ସ, ପାରାଡିପି ପ୍ୟାକ୍ସ, ଓଡ଼ଗାଁରେ ହରିଡ଼ାବନ୍ଧ ପ୍ୟାକ୍ସ, ରୋହିବାଙ୍କ ପ୍ୟାକ୍ସ, ରଣପୁରର ଖତିଆ ପ୍ୟାକ୍ସ ନୟାଗଡ଼ କେନ୍ଦ୍ର ସମବାୟ ବ୍ୟାଙ୍କ ଅଧୀନରେ ରହିଛି । ସେହିଭଳି ନୟାଗଡ଼ ଏଆରସିଏସଙ୍କ ଅଧୀନସ୍ଥ ରଣପୁର ବ୍ଲକ କନ୍ଧପଦା ପ୍ୟାକ୍ସ, ଚମ୍ପାଗଡ଼ ପ୍ୟାକ୍ସ, କନ୍ଧନୟାଗଡ଼ ପ୍ୟାକ୍ସ, ବାଉଁଶଗଡ଼ ପ୍ୟାକ୍ସ, ବଜ୍ରକୋଟ ପ୍ୟାକ୍ସ, ରାଇପଡ଼ା ପ୍ୟାକ୍ସ, ମହତପଲ୍ଲା ନୀଳକଣ୍ଠେଶ୍ୱର ପ୍ୟାକ୍ସ, ଝାଡ଼ପଡ଼ା ନୀଳକଣ୍ଠେଶ୍ୱର ଦେବ ପ୍ୟାକ୍ସ, ଜଙ୍କିଆ ପ୍ୟାକ୍ସ, ଚମ୍ପାପେଡ଼ି ପ୍ୟାକ୍ସ, ନରେନ୍ଦ୍ରପୁର ପ୍ୟାକ୍ସ, କାସନ୍ଦା ପ୍ୟାକ୍ସ, ବୃନ୍ଦବାନପୁର ମହାବୀର ପ୍ୟାକ୍ସ, ତାଳକଣି ପ୍ୟାକ୍ସ, କୁଳାସର ପ୍ୟାକ୍ସ ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ ଅଧୀନରେ ରହିଛି । ଏହି ପ୍ୟାକ୍ସଗୁଡ଼ିକରେ ଆର୍ଥିକ କାରବାର ସହ ଧାନମଣ୍ଡି ଆରମ୍ଭ କରିବାକୁ ଦୁଇବର୍ଷ ତଳୁ ତତ୍କାଳୀନ ଜିଲ୍ଲାପାଳ ଓ ଜିଲ୍ଲା ପରିଷଦ ଅଧ୍ୟକ୍ଷ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ତାହା କାର୍ଯ୍ୟକ୍ଷମ ହୋଇପାରିନାହିଁ । କିଛି ମାସ ତଳେ ନୂଆଗାଁ ବ୍ଲକ ପାରାଡିପି ସମବାୟ ସମିତିକୁ କାର୍ଯ୍ୟକ୍ଷମ କରିବାକୁ ଅଞ୍ଚଳବାସୀ ଦାବି କରିଥିଲେ । ଏହି ସମବାୟ ସମିତିକୁ ଆଜିପର୍ଯ୍ୟନ୍ତ ସଠିକ ଭାବେ କାର୍ଯ୍ୟକ୍ଷମ କରାଯାଇନାହିଁ । କେବେ ୨୮ ସମବାୟ ସମିତି କାର୍ଯ୍ୟକ୍ଷମ ହେବ ବୋଲି ଜିଲ୍ଲାବାସୀ ପ୍ରଶ୍ନ ଉଠାଇଛନ୍ତି ।

## ଭାପୁର ବ୍ଲକରେ ମନରେଗା ଜନଶୁଣାଣି



**ଭାପୁର,୧୫ ।୪(ସମିସ):** ଭାପୁର ବ୍ଲକ ସଦଭାବନା କକ୍ଷରେ ବୁଧବାର ମନରେଗା ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଛି । ବ୍ଲକର ୨୦ ପଞ୍ଚାୟତ ମଧ୍ୟରୁ ଶାଳପଡ଼ା ପଞ୍ଚାୟତ ସବୁଠାରୁ ଅଧିକ ୧୭୨ ପ୍ରତିଶତ ଶ୍ରମ ଦିବସ ସୃଷ୍ଟି କରି ରେକର୍ଡ କରିଥିବା ବେଳେ ପଦ୍ମାବତୀ ପଞ୍ଚାୟତ ସବୁଠାରୁ କମ ୧୬ ପ୍ରତିଶତ ଶ୍ରମଦିବସ ସୃଷ୍ଟି କରିଥିବା ବୈଠକରୁ ଜଣାପଡ଼ିଛି । ବ୍ଲକ ପାଇଁ ୨ ଲକ୍ଷ ୭୧ ହଜାର ୫ଶହ ଶ୍ରମ ଦିବସ ଟାର୍ଗେଟ ଥିଲାବେଳେ ବ୍ଲକ ପକ୍ଷରୁ ୨ ଲକ୍ଷ ୯ ହଜାର ୭୬୧ ଶ୍ରମଦିବସ ସୃଷ୍ଟି କରି ୭୭-୨୬ ପ୍ରତିଶତ ସଫଳତା ହାସଲ କରିଛି । କେନ୍ଦ୍ର ସରକାର ମନରେଗା ଉପରେ ୨୦୧୬ରୁ ଏପରି ଜନଶୁଣାଣି କରିବା ପାଇଁ ବ୍ୟବସ୍ଥା କରିଥିଲାବେଳେ ବର୍ତ୍ତମାନ ମନରେଗା ଅଧୀନରେ ୧୦ଟି ବିଭାଗ କାର୍ଯ୍ୟ କରୁଛି । ହେଲେ ଦୀର୍ଘ ୧୦ ବର୍ଷ ପରେ ମଧ୍ୟ ଅନେକ ପଞ୍ଚାୟତରେ ଅଧିକାରୀମାନେ ସଚେତନତା କରୁ ନ ଥିବା ଜିଲ୍ଲା ସମୀକ୍ଷକ ଅଭିଯୋଗ କରିଛନ୍ତି । ଏହି ସମୟ ମଧ୍ୟରେ ବିଭିନ୍ନ କାର୍ଯ୍ୟ ଉପରେ ହୋଇଥିବା ଗ୍ରାମସଭାର ଅଭିଯୋଗକୁ ନେଇ ବ୍ଲକରେ ୧୫୨ ମାମଲା ପେଣ୍ଡିଂ ଥିଲାବେଳେ ସେଥିମଧ୍ୟରୁ ୪ଟି କାର୍ଯ୍ୟରେ ଅଧିକାରୀମାନଙ୍କଠାରୁ ରିକଭରି ପାଇଁ ବିଡିଓଙ୍କ ନିକଟରେ ବିଚାରାଧୀନ ରହିଛି । ଶିବିରକୁ ବ୍ଲକ ମନରେଗା ମୁଖ୍ୟ ଏପିଓ ଅରୁଣ କୁମାର ଚିନରା ଆୟୋଜିତ କରିଥିଲା ବେଳେ ମୁଖ୍ୟଅତିଥି ଭାବେ ଏଡିଏମ ରୋଜିନା ଦାସ, ସମ୍ମାନିତ ଅତିଥି ଭାବେ ଭାପୁର ବିଡିଓ ସାରଦା ପ୍ରସନ୍ନ ପଣ୍ଡା, ଜିଲ୍ଲା ସାମାଜିକ ସମୀକ୍ଷକ ବିଜୟ କୁମାର ବଳିଆରସିଂହ ଓ ବ୍ଲକ ସାମାଜିକ ସମୀକ୍ଷକ ସନ୍ତୋଷ କୁମାର ବାରିକ ଉପସ୍ଥିତ ଥିଲେ । ବୈଠକରେ ସମସ୍ତ ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ, ଯନ୍ତ୍ରୀ, ପଞ୍ଚାୟତ ଏଡିଓ, ଜିଆରଏସଙ୍କ ସହ ମନରେଗା କାର୍ଯ୍ୟ ସମ୍ପାଦନ ହେଉଥିବା ସମସ୍ତ ୧୦ ବିଭାଗର କର୍ମଚାରୀ ଉପସ୍ଥିତ ଥିଲେ ।

## କଲରାପତରିଆ ଚମଡ଼ା, ବଜ୍ରକାପ୍ତା କାତି ଜବତ



**ନୟାଗଡ଼, ୧୫ ।୪(ସମିସ):** ନୟାଗଡ଼ ବନବିଭାଗ ବୁଧବାର ଦଶପଲ୍ଲା ରେଞ୍ଜ କୁଜାମେଣ୍ଡିରୁ କଲରାପତରିଆ ଚମଡ଼ା ସହ ବଜ୍ରକାପ୍ତା କାତି ଜବତ କରିଛି । ଏହି ଘଟଣାରେ ଦୁଇଜଣଙ୍କୁ ଗିରଫ କରାଯାଇଛି । ସେମାନେ ହେଲେ କୁଜାମେଣ୍ଡି ଗାଁର ଜ୍ୟୋତ୍ସ୍ନାରାଣୀ ମଲ୍ଲିକ ଓ ତାଙ୍କ ପୁଅ ପ୍ରଦୀପ ମଲ୍ଲିକ । ଏହି ଘଟଣାରେ ଅନ୍ୟ କେତେକ ବ୍ୟକ୍ତି ସମ୍ପୃକ୍ତ ଅଛନ୍ତି । ସେମାନଙ୍କୁ ଧରିବା ପାଇଁ ଉଦ୍ୟମ ଚାଲିଥିବା ବନ ବିଭାଗ ସୂଚନା ଦେଇଛି । ବନ ବିଭାଗର ସୂଚନା ଅନୁଯାୟୀ, କଲରାପତରିଆକୁ ଫୁଲବାଣୀ ଜଙ୍ଗଲରେ ଶିକାର କରାଯାଇଥିଲା । ତେବେ ସ୍ଥାନୀୟ ଲୋକେ ନୟାଗଡ଼ ବନଖଣ୍ଡ କିମ୍ବା ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡ ଅଞ୍ଚଳରୁ ଶିକାର ହୋଇଥିବା କହୁଛନ୍ତି । ଏମାନେ ଶିକାରୀ ନା ବିକ୍ରି ଉଦ୍ଦେଶ୍ୟରେ ଚମଡ଼ା ରଖିଥିଲେ ସେ ନେଇ ତଦନ୍ତ ଚାଲିଛି । ଗିରଫ ମା' ଓ ପୁଅଙ୍କୁ ବୁଧବାର କୋର୍ଟ ଚାଲାଣ କରାଯାଇଛି । ନୟାଗଡ଼ ଜିଲ୍ଲାରୁ ବନ ବିଭାଗ ଓ ଏସଟିଏଫ୍ ବାରମ୍ବାର କଲରାପତରିଆ ବାଘଛାଲ ଜବତ କରୁଛି । ବିଗତ ୫ ବର୍ଷ ମଧ୍ୟରେ ୧୦ରୁ ଊର୍ଦ୍ଧ୍ୱ ଛାଲ ଜବତ ହୋଇସାରିଲାଣି ।

● ଜିଲ୍ଲା ପ୍ରଶାସନର ହସ୍ତକ୍ଷେପ

## ତୁଟିଲା ବିଧାୟକ-ଏନଏସି ଅଧ୍ୟକ୍ଷା ବିବାଦ

**ଖଣ୍ଡପଡ଼ା,୧୫ ।୪(ସମିସ):** ପଠାଣି ସାମନ୍ତ କଲ୍ୟାଣମଣ୍ଡପରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ୧୯୭ ହିତାଧିକାରୀଙ୍କୁ ବୁଧବାର କାର୍ଯ୍ୟାଦେଶ ବଣ୍ଟନ

**୧୯୭ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ କାର୍ଯ୍ୟାଦେଶ ବଣ୍ଟନ**



କରାଯାଇଛି । ପୂର୍ବରୁ ଏନଏସି ଅଧ୍ୟକ୍ଷା ହିତାଧିକାରୀଙ୍କୁ ଆବାସ କାର୍ଯ୍ୟାଦେଶ ବଣ୍ଟନ କରିବା ପାଇଁ ଯୋଜନା କରିଥିଲେ ମଧ୍ୟ ସ୍ଥାନୀୟ ବିଧାୟକ ଏହାକୁ ବିରୋଧ କରି ପ୍ରଶାସନ ଦ୍ୱାରା ବନ୍ଦ କରାଇଥିଲେ । ଫଳରେ କିଛିଦିନ ଧରି ସହରାଞ୍ଚଳ ରାଜନୀତି ଏକପ୍ରକାର ସରଗରମ ହେବା ସହିତ ନଗର କଂଗ୍ରେସ ପକ୍ଷରୁ ଏନଏସି କାର୍ଯ୍ୟାଳୟ ଘେରଉ କରାଯାଇଥିଲା । ଜିଲ୍ଲା ପ୍ରଶାସନ ହସ୍ତକ୍ଷେପ ପରେ ବିଧାୟକ ଓ ଏନଏସି ଅଧ୍ୟକ୍ଷାଙ୍କ ମଧ୍ୟରେ ବିବାଦ ତୁଟିଥିବା ପରିଲକ୍ଷିତ ହୋଇଛି । ଏନଏସି ଅଧ୍ୟକ୍ଷା ଆରତୀ ପ୍ରଧାନଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଧାୟକ ଇଂ. ଦୁଷ୍ମନ୍ତ କୁମାର ସ୍ୱାଇଁ, ସମ୍ମାନିତ ଅତିଥି ଭାବେ ଜିଲ୍ଲାପାଳ ମଧୁମିତା ରଥ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଲଗ୍ନଜିତ ରାଉତ, ବିଡିଓ ଅଙ୍କୁର ଅଭିଲାଷ, ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଅଭିଷେକ ମିଶ୍ର, ସମାଜସେବୀ ବିଧାନଚନ୍ଦ୍ର ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ । ମୁଖ୍ୟଅତିଥି ସହରର ବିଭିନ୍ନ ୱାର୍ଡର ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ କାର୍ଯ୍ୟାଦେଶ ବଣ୍ଟନ କରିଥିଲେ ।

## ୪ବର୍ଷ ପରେ ଅଭିଯୁକ୍ତ ଗିରଫ

**ଓଡ଼ଗାଁ/ଶରଣକୁଳ,୧୫ ।୪(ସମିସ):** ଯୌତୁକ ନିର୍ଯାତନା ଓ ହତ୍ୟା ମାମଲାରେ ଶରଣକୁଳ ଥାନା ପୁଲିସ ୪ ବର୍ଷ ପରେ ମୁଖ୍ୟ ଅଭିଯୁକ୍ତକୁ ଗିରଫ କରିବାରେ ସଫଳ ହୋଇଛି । ଗିରଫ ଅଭିଯୁକ୍ତ ହେଲେ ବଡ଼ପୁଟ ଗ୍ରାମର ବସନ୍ତ କୁମାର ରାଉତଙ୍କ ପୁଅ ପ୍ରକାଶ ଚନ୍ଦ୍ର ରାଉତ (୩୬) । ବୁଧବାର ପ୍ରକାଶଙ୍କୁ କୋର୍ଟକୁ ଚାଲାଣ କରାଯାଇଛି ।



ନରେନ୍ଦ୍ରପୁର ଚୁଡ଼ାମିଲ୍ ସାହିର ରମେଶ ଚନ୍ଦ୍ର ନାହାକ (୪୮)ଙ୍କ ଅଭିଯୋଗ ଅନୁଯାୟୀ, ତାଙ୍କ ଝିଅ ଜ୍ୟୋତିର୍ମୟୀ ପ୍ରଧାନଙ୍କ ବିବାହ ୨୦୧୫ ମେ ୧ରେ ପ୍ରକାଶଙ୍କ ସହ ହୋଇଥିଲା । ବିବାହ ସମୟରେ ବରପକ୍ଷର ଦାବି ମୁତାବକ ୫୦ ହଜାର ଟଙ୍କା, ସୁନାରୁପା ଗହଣା ଓ ଅନ୍ୟାନ୍ୟ ସାମଗ୍ରୀ ଦିଆଯାଇଥିଲା । କିନ୍ତୁ ବିବାହ ପରେ କିଛିଦିନ ସବୁ ଠିକ୍‌ଠାକ୍ ଚାଲିଥିଲେ ମଧ୍ୟ ପରେ ପ୍ରକାଶ ଓ ତାଙ୍କ ପରିବାର ଲୋକେ ଯୌତୁକ ବାବଦ ଅଧିକ ୨ ଲକ୍ଷ ଟଙ୍କା ଆଣିବା ପାଇଁ ଦାବି କରିଥିଲେ । ଜ୍ୟୋତିର୍ମୟୀ ଅସମର୍ଥ ହେବାରୁ ତାଙ୍କୁ ମାନସିକ ଓ ଶାରୀରିକ ନିର୍ଯାତନା ଦେଉଥିଲେ । ୨୦୨୨ ସେପ୍ଟେମ୍ବର ୧୭ ତାରିଖ ରାତି ପ୍ରାୟ ୧୦ଟାରେ ଶାଶୂଘର ଲୋକେ ଜ୍ୟୋତିର୍ମୟୀଙ୍କୁ ତଣ୍ଟିଚିପି ହତ୍ୟା କରିଥିଲେ । ପ୍ରମାଣ ନଷ୍ଟ କରିବା ପାଇଁ ଅଭିଯୁକ୍ତମାନେ ମୃତଦେହ ପୋଡ଼ି ଦେଇଥିବା ଅଭିଯୋଗ ହୋଇଥିଲା । ସେବେଠାରୁ ପ୍ରକାଶ ଫେରାର ଥିବା ବୁଧବାର ପୁଲିସ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ।

ଆରୋପ ପ୍ରତ୍ୟାରୋପରେ ସରିଲା ପଞ୍ଚାୟତ ସମିତି ବୈଠକ

# ଆସିଲେନି ଜଣେ ବି ସରପଞ୍ଚ

**ଗଣିଆ,୧୫ ।୪(ସମିସ):**

ଗଣିଆ ବ୍ଲକ ସଭାଗୃହରେ ଶେଷ ହୋଇଛି ପଞ୍ଚାୟତ ସମିତିର ୯ମ ସାଧାରଣ ଅଧିବେଶନ । ଆରୋପ ପ୍ରତ୍ୟାରୋପରେ କମ୍ପି ଉଠିଥିଲା ସଭାଗୃହ । ସଭାରେ ନିଜର ଅସନ୍ତୋଷ ଜାହିର କରିଥିଲେ ବ୍ଲକ ଅଧ୍ୟକ୍ଷା । ବ୍ଲକର ବିଭିନ୍ନ ଉନ୍ନୟନ କାର୍ଯ୍ୟ ସମ୍ପର୍କରେ ଅଧ୍ୟକ୍ଷାଙ୍କୁ କୌଣସି ସୂଚନା ପ୍ରଦାନ କରାଯାଉ ନ ଥିବା ସେ

### ପାନୀୟ ଜଳ ଯୋଗାଣ ଅଧିକାରୀଙ୍କ ଉପରେ ବର୍ଷିଲେ ବିଧାୟକ

ଅଭିଯୋଗ କରିଥିଲେ । କେସ୍ ରେକର୍ଡ ରେଜିଷ୍ଟର ଲେଖା ହେଉ ନ ଥିବା ତଥା ଆକାଉଣ୍ଟ ଅପଡେଟ୍ ନ ଥିବା ଫାଇନାନ୍ସ ଅଫିସର ପ୍ରକାଶ କରିଥିଲେ । ଫଳରେ କଣ୍ଟିଜେନ୍ସି ବାବଦ କେତେ ଅର୍ଥ ଅଛି ସେ ସମ୍ପର୍କରେ କୌଣସି ତଥ୍ୟ ସେ ଦେଇପାରି ନ ଥିଲେ । ଆଗାମୀ ମାସେ ଭିତରେ ସେସବୁ ଅପଡେଟ କରିବାକୁ ବିଧାୟକ ଜଣାଇଥିଲେ । ସମିତି ବୈଠକରେ ଆଲୋଚନା ନହୋଇ କେମିତି ପ୍ରକଳ୍ପ ମଞ୍ଜୁର ହେଲା ବୋଲି ଜିଲ୍ଲା ପରିଷଦ ସଭ୍ୟ ଅଭିଯୋଗ କରିଥିଲେ । ଗଣିଆର ଦୁଃଖ ବାଇପାସ୍ ସମ୍ପର୍କରେ ସମିତି ସଭ୍ୟ ଫକୀର ମୋହନ



ଡାକୁଆ ପ୍ରଶ୍ନ କରିଥିଲେ । ଜମି ଚିହ୍ନଟ ପ୍ରକ୍ରିୟା ଜାରି ରହିଥିବା ବିଭାଗୀୟ ଯନ୍ତ୍ରୀ ପ୍ରକାଶ କରିଥିବା ବେଳେ ବାରପୁରିକିଆ ଛକ ପର୍ଯ୍ୟନ୍ତ ବାଇପାସ୍ ସମ୍ପ୍ରସାରଣ କରିବା ଆବଶ୍ୟକ ବୋଲି ବିଧାୟକ ମତବ୍ୟକ୍ତ କରିଥିଲେ । ଗଣିଆରେ ଶହେ ଶଯ୍ୟା ବିଶିଷ୍ଟ ମେଡିକାଲ ନିର୍ମାଣ କାର୍ଯ୍ୟ କେବେ ସରିବ ବୋଲି ମେଡିକାଲ ଇନଚାର୍ଜ ଦୃଷ୍ଟି ଆକର୍ଷଣ କରିଥିଲେ । ଜଣେ ଠିକାଦାର ବାରମ୍ବାର ସମୟ ଅବଧି ଗଡ଼ାଇ ଚାଲିଥିବା ବେଳେ କାହିଁକି ତାଙ୍କ ପ୍ରତି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ ବୋଲି ସାଂସଦଙ୍କ ପ୍ରତିନିଧି ପ୍ରକାଶ କରିଥିଲେ । ଗୋଟିଏ କାର୍ଯ୍ୟ ସେ ଠିକରେ କରୁ ନ ଥିବା ବେଳେ ଗଣିଆ-ଦଶପଲ୍ଲା ପିଚୁ ରାସ୍ତା ଟେଣ୍ଡର ମଧ୍ୟ ତାକୁ ଦିଆଯାଇଥିବାରୁ ରାସ୍ତାରୁ ପିଚୁ ଉଠିଗଲାଣି ବୋଲି ଲୋକପ୍ରତିନିଧିମାନେ ଅଭିଯୋଗ କରିଥିଲେ ।

ଗଣିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୧୪ ବର୍ଷର ବାଳିକାମାନଙ୍କୁ ଏଚପି ଭାକ୍ସିନ ଦିଆଯାଉଥିବା ବେଳେ ପ୍ରଚାର ପ୍ରସାର ଅଭାବରୁ ମାତ୍ର ୫୦ ଜଣ ଟିକା ନେଇଛନ୍ତି ବୋଲି ମେଡିକାଲ କର୍ତ୍ତୃପକ୍ଷ ଜଣାଇଥିଲେ । ତେବେ ପାନୀୟ ଜଳ ଯୋଗାଣ ବିଭାଗ ଉପରେ ବର୍ଷିଥିଲେ ସମସ୍ତ ଅତିଥି । ବିଭାଗୀୟ ଅଧିକାରୀ ଦିନକୁ ଦିନ ସ୍ଥାଣୁ ପାଲଟିଥିବା ସମସ୍ତେ ଅଭିଯୋଗ କରିଥିଲେ । ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଲାଗି ରହିଥିଲେ ମଧ୍ୟ ବିଭିନ୍ନ ସ୍ଥାନରେ ନଳକୂପ, ସୋଲାର ପ୍ରକଳ୍ପ ଅଚଳ ହୋଇ ପଡ଼ିରହିଛି । ମେଗା ପ୍ରକଳ୍ପ କାର୍ଯ୍ୟ ମନ୍ଥର ଗତିରେ ଚାଲିଛି । ଏପରିକି ଜଗନ୍ନାଥ ପ୍ରସାଦରେ ନୂତନ ସୋଲାର ପ୍ରକଳ୍ପ ଅଚଳ ହୋଇପଡ଼ିଛି ବୋଲି ସାଂସଦଙ୍କ ପ୍ରତିନିଧି ପ୍ରକାଶ କରିଥିଲେ । ନୂତନ ରାସନକାର୍ଡ ପାଇଁ ୫୩୦ ଲୋକ ଆବେଦନ କରିଥିବା ବେଳେ ୪୧୦ଟି ତଦନ୍ତ ହୋଇ ୨୧୦ ପ୍ରଦାନ କରାଯାଇଛି ବୋଲି ଯୋଗାଣ ଅଧିକାରୀ ପ୍ରକାଶ କରିଥିଲେ । ମୃତ୍ତିକା ସଂରକ୍ଷଣ ବିଭାଗର ଅଧିକାରୀ ଅନୁପସ୍ଥିତ ଥିବାରୁ ସଦସ୍ୟମାନେ କ୍ଷୋଭ ପ୍ରକାଶ କରିଥିଲେ । ବିଦ୍ୟାଳୟ ଏବଂ ଅନୁଷ୍ଠାନଗୁଡ଼ିକରେ ବିଦ୍ୟୁତ୍ ବିଲ୍ ବକେୟା ଥିଲେ ବିଦ୍ୟୁତ୍ କାଟ ନ କରିବାକୁ ମନ୍ତ୍ରୀ ଘୋଷଣା କରିଥିବାରୁ ସେଥିପ୍ରତି ଦୃଷ୍ଟି ଦେବାକୁ ବିଧାୟକ ବିଭାଗକୁ ଜଣାଇଥିଲେ । ବିଭିନ୍ନ ଉନ୍ନୟନ କାର୍ଯ୍ୟ ପାଇଁ ୯୩ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିବା ସହକାରୀ ଯନ୍ତ୍ରୀ ପ୍ରକାଶ କରିଥିଲେ । ତେବେ ବ୍ଲକର ୮ ପଞ୍ଚାୟତର କୌଣସି ସରପଞ୍ଚ ବୈଠକରେ ଉପସ୍ଥିତ ନ ଥିଲେ । ବୈଠକରେ ସରପଞ୍ଚମାନଙ୍କୁ ଗୁରୁତ୍ୱ ଦିଆଯାଉ ନ ଥିବାରୁ ସେମାନେ ଅନୁପସ୍ଥିତ ଥିବା ଜଣାପଡ଼ିଛି । ତେବେ ବିଡିଓ ଏବଂ ବ୍ଲକ ଅଧ୍ୟକ୍ଷାଙ୍କ ମଧ୍ୟରେ ସମନ୍ୱୟ ନ ଥିବା ସଭାରେ ସ୍ପଷ୍ଟ ବାରି ହୋଇ ପଡୁଥିଲା । ବ୍ଲକ ଅଧ୍ୟକ୍ଷା ଝୁନା ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବିଧାୟକ ରମେଶ ଚନ୍ଦ୍ର ବେହେରା, ସାଂସଦଙ୍କ ପ୍ରତିନିଧି ମହାବୀର ପ୍ରସାଦ ମିଶ୍ର, ଉପାଧ୍ୟକ୍ଷ ରାଜକିଶୋର ସାହୁ, ଜିଲ୍ଲା ପରିଷଦ ସଭ୍ୟ ନରେଶ କୁମାର ବେହେରା, ବିଡିଓ ଲବଣ୍ୟେନ୍ଦୁ ମହାନ୍ତିଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ ।

# ଫାର୍ମହାଉସ୍ ଉଚ୍ଛେଦ; ମୁକ୍ତହେଲା ୧ ଏକର ସରକାରୀ ଜମି





ଖୋର୍ଦ୍ଧା,୧୫।୪(ସମିସ)

ନିଜକୁ ଜଣେ ପ୍ରକୃତିପ୍ରେମୀ କହି ଖୋର୍ଦ୍ଧା ତହସିଲ ଅନ୍ତର୍ଗତ ବରଗାଡ଼ି ମୌଜାରେ ଏକର ଏକର ସରକାରୀ ଜମିକୁ ମାଡ଼ିବସି ଫାର୍ମହାଉସ କରିଥିବା ବ୍ୟକ୍ତିଙ୍କ ଜବରଦଖଲ ଜମିକୁ ଆଜି ଦ୍ୱିତୀୟ ପର୍ଯ୍ୟାୟରେ ପ୍ରଶାସନ ଉଚ୍ଛେଦ କରିଛି। ଉଚ୍ଛେଦବେଳେ ଉକ୍ତ ବ୍ୟକ୍ତିଙ୍କ ଦ୍ୱାରା ନିୟୋଜିତ ମହିଳାଙ୍କ ଦ୍ୱାରା ପ୍ରତିବାଦ କରାଯାଇଥିଲା। ଏଥିରେ ସ୍ଥାନୀୟ ଅଞ୍ଚଳର ଜଣେ କଥାକଥିତ ସାମ୍ବାଦିକ ମହିଳାମାନଙ୍କୁ ପ୍ରବର୍ତ୍ତାଇ ପ୍ରଶାସନିକ ଅଧିକାରୀଙ୍କୁ ଘେରି ଉଚ୍ଛେଦ ବନ୍ଦ କରିବାକୁ ଚାପ ପକାଉଥିବା ଦେଖାଯାଉଥିଲା। ଏପରିକି ପ୍ରଶାସନିକ ଅଧିକାରୀଙ୍କୁ ଆକ୍ରମଣ କରିବାକୁ ମହିଳାମାନେ ଉଦ୍ୟତ ହେଉଥିବାବେଳେ ଜେସିବି ଡ୍ରାଇଭରକୁ ତାଙ୍କ ମାଡ଼ କରିଥିବା ଦେଖାଯାଇଥିଲା। ପରେ ଉପଜିଲ୍ଲାପାଳ ଘଟଣାସ୍ଥଳରେ ପହଞ୍ଚି ଉଚ୍ଛେଦ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିଥିଲେ। ଆଜି ଦିନକରେ ପ୍ରଶାସନ ସେଠାରୁ ପ୍ରାୟ ୧ଏକର ଜମିକୁ ଉଚ୍ଛେଦ କରିଥିବା ତହସିଲଦାର ବିଭାସ ପାଣିଗ୍ରାହୀ ସୂଚନା ଦେଇଛନ୍ତି। ଆସନ୍ତାକାଲି ଅବଶିଷ୍ଟ ଜମିରେ ରହିଥିବା ପ୍ରାୟ ୧କୋଟିରୁ ଊର୍ଦ୍ଧ୍ୱ ମୂଲ୍ୟର ମହଲା ବିଶିଷ୍ଟ କୋଠାକୁ ଉଚ୍ଛେଦ କରାଯିବ। ଏଥିସହିତ ଉଚ୍ଚନ୍ୟାୟାଳୟଙ୍କ ନିର୍ଦ୍ଦେଶକ୍ରମେ ସମସ୍ତ ଜବରଦଖଲ ଜମିକୁ ଉଚ୍ଛେଦ କରାଯିବ ବୋଲି ଉପ ଜିଲ୍ଲାପାଳ ସଂକଳ୍ପ ସ୍ୱସ୍ତିକ ସାହୁ କହିଥିଲେ।

ପ୍ରକାଶ ଥାଉକି, ଖୋର୍ଦ୍ଧା ତହସିଲ୍ ଅନ୍ତର୍ଗତ ବରଗାଡ଼ି ମୌଜାରେ ଖାତା ନଂ.୫-୬୮ର ପ୍ଲଟ୍ ନଂ.୧୬୫୬, ପ୍ଲଟ୍ ନଂ.୧୬୩୨ ଓ ଖାତା ନଂ.୫-୬୩ର ପ୍ଲଟ୍ ନଂ.୧୬୯୭ ଅଧୀନରେ ଥିବା ଏକର ଏକର ସରକାରୀ ଜମିକୁ ମହେନ୍ଦ୍ର ପ୍ରସାଦ ନାମକ ବ୍ୟକ୍ତି ଜବରଦଖଲ କରି ଉକ୍ତ ଜମିରେ ବିଶାଳକାୟ ଫାର୍ମ ହାଉସ ତିଆରି କରିଥିବା ନେଇ ଗ୍ରାମବାସୀଙ୍କ ପକ୍ଷରୁ ଅଭିଯୋଗ ହୋଇଥିଲା। ଏହି ମାମଲା କୋର୍ଟ ପର୍ଯ୍ୟନ୍ତ ଯାଇଥିଲା। ପରେ ହାଇକୋର୍ଟଙ୍କ ନିର୍ଦ୍ଦେଶ ମୁତାବକ ଜବରଦଖଲରେ ଥିବା ସମସ୍ତ ଜମିକୁ ଉଚ୍ଛେଦ ଲାଗି ପ୍ରଶାସନ ଉକ୍ତ ଜବରଦଖଲକାରୀଙ୍କୁ ନୋଟିସ କରିଥିଲା। ଜମିରେ ରହିଥିବା ଗଛଗୁଡ଼ିକର ସୁରକ୍ଷାକୁ ଦୃଷ୍ଟିରେ ରଖିବାକୁ କୋର୍ଟଙ୍କ ନିର୍ଦ୍ଦେଶ ରହିଛି। ଏହାର ସୁଯୋଗ ନେଇ ନୋଟିସ ପ୍ରାପ୍ତ ଜବରଦଖଲକାରୀ ଉଚ୍ଛେଦକୁ ପ୍ରଭାବିତ କରିବା ଉଦ୍ଦେଶ୍ୟରେ ଜବରଦଖଲକାରୀ ସବୁ ଜମିରେ ତରବରିଆଭାବେ କେତେକ ଫଳନ୍ତି ଆମ୍ବ ଗଛ ଓ ଅନ୍ୟାନ୍ୟ ଗଛ ଆଣି ଅତି ନିକଟରେ ପୋତିଥିବା ଆଜି ଉଚ୍ଛେଦ ସମୟରେ ଦେଖାଯାଉଥିଲା।

ତେବେ କୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଆଜି ସକାଳ ୭ଟାରୁ ଉଚ୍ଛେଦ ପାଇଁ ଘଟଣାସ୍ଥଳରେ ତହସିଲଦାର ବିଭାସ ପାଣିଗ୍ରାହୀ, ଅତିରିକ୍ତ ତହସିଲଦାର ଡି. ଗୋପାଳ ରେଡ୍ଡୀ, ଆର୍‌ଆଇ ଖୋର୍ଦ୍ଧାଙ୍କ ସମେତ ରାଜସ୍ୱ ବିଭାଗ କର୍ମଚାରୀ ଓ ୩ଜଣ ଅଫିସରଙ୍କ ସମେତ ସ୍ପାଟୁନ୍ ପୁଲିସ ଫୋର୍ସ ଘଟଣାସ୍ଥଳରେ ପହଞ୍ଚିଥିଲେ। ପୂର୍ବ ପ୍ରସ୍ତୁତି ଅନୁଯାୟୀ ଜିଲ୍ଲା ପ୍ରଶାସନର ଉଚ୍ଛେଦ ପ୍ରକ୍ରିୟାକୁ ବିରୋଧ କରିବା ନିମନ୍ତେ କିଛି ସ୍ଥାନୀୟ ମହିଳାଙ୍କୁ ନିୟୋଜିତ କରାଯାଇଥିଲା। ଏଥିସହିତ ଜବରଦଖଲକାରୀଙ୍କ ଦ୍ୱାରା ନିୟୋଜିତ କଥାକଥିତ ସାମ୍ବାଦିକଙ୍କ ପ୍ରରୋଚନାରେ ଉକ୍ତ ମହିଳାମାନେ ଉଚ୍ଛେଦକୁ ବିରୋଧ କରିଥିଲେ। ଉପସ୍ଥିତ ପ୍ରଶାସନିକ ଅଧିକାରୀଙ୍କୁ ଖରାପ ବ୍ୟବହାର କରିବା ସହିତ ଉଚ୍ଛେଦରେ ବାଧା ସୃଷ୍ଟି କରିବାକୁ ଚେଷ୍ଟା କରିଥିଲେ। ପ୍ରାୟ କିଛି ସମୟ ବିରୋଧ ପରେ ଘଟଣାସ୍ଥଳରେ ଉପଜିଲ୍ଲାପାଳ ଶ୍ରୀ ସାହୁ, ଆଦର୍ଶ ଥାନା ଅଧିକାରୀ ସଞ୍ଜୟ ନାୟକ ଓ ଅଧିକ ପୁଲିସ ପହଞ୍ଚିଥିଲେ। ଉପଜିଲ୍ଲାପାଳଶ୍ରୀ ସାହୁ ଉପସ୍ଥିତ ବିରୋଧକାରୀଙ୍କୁ ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶକୁ ମାନି ଉଚ୍ଛେଦ ପ୍ରକ୍ରିୟାରେ ସହଯୋଗ କରିବାକୁ କହିବାରେ ପରିସ୍ଥିତି ଶାନ୍ତପଡ଼ିଥିଲା। କିନ୍ତୁ ଉଚ୍ଛେଦବେଳେ ସେଠାରେ ମହେନ୍ଦ୍ର ପ୍ରସାଦଙ୍କୁ ଦେଖିବାକୁ ମିଳିନଥିଲା। ଦିନ ପ୍ରାୟ ୧ଟା ପର୍ଯ୍ୟନ୍ତ ଉଚ୍ଛେଦ ପ୍ରକ୍ରିୟା ଚାଲିଥିବାବେଳେ ସରକାରୀ ଜମିରେ ଗଢିଉଠିଥିବା ଦୁଇମହଲା ବିଶିଷ୍ଟ କୋଠାରେ ରହିଥିବା ଆସବାବପତ୍ର ସବୁ ଖାଲି କରିବାକୁ ପ୍ରଶାସନ ଆଜି ସାମୟିକ ସମୟ ଦେଇଛି। ଆସନ୍ତା କାଲି ପୁନର୍ବାର ଜବରଦଖଲ ଉଚ୍ଛେଦ କରାଯିବ। ଜବରଦଖଲରେ ଥିବା ଉକ୍ତ କୋଠାକୁ ମଧ୍ୟ ଭଙ୍ଗାଯିବ ବୋଲି କୁହାଯାଉଛି।

ଏ ସମ୍ପର୍କରେ ତହସିଲଦାର ବିଭାସ ପାଣିଗ୍ରାହୀଙ୍କୁ କହିବା କଥା, ୨୦୨୪ରେ ଅଭିଯୋଗ ପରେ ମାପଚୁପ କରାଯାଇଥିଲା। ୪ଏକର ରୁ ଊର୍ଦ୍ଧ୍ୱ ଜମି ଜବରଦଖଲ ଥିବା ଜଣାପଡ଼ିଥିଲା। ଉକ୍ତ ସମୟରେ ୪ଏକର ଜମି ଉଚ୍ଛେଦ କରାଯାଇଥିଲା। ଉଚ୍ଛେଦକୁ ଚ୍ୟାଲେଞ୍ଜ କରି ଫାର୍ମ ହାଉସ କର୍ତ୍ତୃପକ୍ଷ ଉଚ୍ଚ ନ୍ୟାୟାଳୟକୁ ଯାଇଥିଲେ। ମାତ୍ର ଜବରଦଖଲରେ ଥିବା ଅବଶିଷ୍ଟ ଜମିକୁ ଶୀଘ୍ର ଉଚ୍ଛେଦ ପାଇଁ କୋର୍ଟଙ୍କ ନିର୍ଦ୍ଦେଶ ଆସିବା ପରେ ଏ ନେଇ ତାଙ୍କୁ ନୋଟିସ କରାଯାଇଥିଲା। ଆଜି ଉକ୍ତ ଜମିରୁ ପ୍ରାୟ ୧ ଏକର ଉଚ୍ଛେଦ କରାଯାଇଛି। ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ମୁତାବକ ବାକିଥିବା ଜବରଦଖଲ ଜମିକୁ ମଧ୍ୟ ଉଚ୍ଛେଦ କରାଯିବ। ଯେଉଁ ଜମିରେ ଗଛ ଲାଗିଛି ତାହାକୁ ପରିବେଶ ପାଇଁ ରଖାଯିବ ଏବଂ ଅବଶିଷ୍ଟ ଉଚ୍ଛେଦ ଜମି ଗୁଡିକୁ ଇଡକୋ କୁ ହସ୍ତାନ୍ତର କରାଯିବ ବୋଲି ତହସିଲଦାର କହିଛନ୍ତି।

- ପ୍ରଶାସନିକ ଅଧିକାରୀଙ୍କୁ ଘେରିଲେ ମହିଳା
- ବିରୋଧ ପାଇଁ ପୂର୍ବରୁ ହୋଇଥିଲେ ପ୍ରସ୍ତୁତ
- ଉଚ୍ଛେଦ ରୋକିବାକୁ ଗଛ ଲଗାଇ କରିଥିଲେ ଷଡ଼ଯନ୍ତ୍ର
- ସରକାରୀ ଜମିରେ ଠିଆ ହୋଇଥିଲା ୨ ମହଲା କୋଠା
- ସମସ୍ତ ଜବରଦଖଲ ଜମି ଉଚ୍ଛେଦ ହେବ - ଉପଜିଲ୍ଲାପାଳ

# ସିବିଏସ୍ଇ ୧୦ମ ପରୀକ୍ଷାରେ ଟ୍ରିପଲ ଏ'ର ସଫଳତା

ଖୋର୍ଦ୍ଧା,୧୫।୪(ସମିସ): ସିବିଏସ୍ଇ ୧୦ମ ଶ୍ରେଣୀର ବାର୍ଷିକ ପରୀକ୍ଷା ଫଳରେ ଖୋର୍ଦ୍ଧାର ଅଗ୍ରଣୀ ଶିକ୍ଷାନୁଷ୍ଠାନ ଟ୍ରିପଲ ଏ'ର ଛାତ୍ରଛାତ୍ରୀ ଅଭୁତପୂର୍ବ ସଫଳତା ହାସଲ କରିଛନ୍ତି। ବିଦ୍ୟାଳୟର ପରୀକ୍ଷାଫଳ ଶତ ପ୍ରତିଶତ ହୋଇଥିବା ବେଳେ ୩୫ ପ୍ରତିଶତ ଛାତ୍ରଛାତ୍ରୀ ୯୦ରୁ ଊର୍ଦ୍ଧ୍ୱ ପ୍ରତିଶତ ନମ୍ବର ରଖିଛନ୍ତି। ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ବିଦ୍ୟାଳୟର ଛାତ୍ରୀ ଶରଣ୍ୟା ବଳିଆରସିଂହ ଶତକଡ଼ା ୯୮ ପ୍ରତିଶତ ନମ୍ବର ରଖି ବିଦ୍ୟାଳୟ ଟପ୍ପର ହୋଇଛନ୍ତି। ସୁଚନାଯୋଗ୍ୟ, କୁମାରୀ ଶରଣ୍ୟା ଐତିହାସିକ ସତ୍ୟବାଦୀ ବଳିଆରସିଂହ ଓ ବିଶ୍ୱାମ୍ରା ପ୍ରକାଶନୀର ସତ୍ୱାଧିକାରିଣୀ ଶୈଳବାଳା ଦେବୀଙ୍କର ନାତୁଣୀ ତଥା ବରିଷ୍ଠ ସାମ୍ବାଦିକ ସମରେନ୍ଦ୍ର ବଳିଆରସିଂହ ଓ ଭାରତୀୟ ଭାଷା ପ୍ରତିଷ୍ଠାନର ପୂର୍ବତନ



ଶରଣ୍ୟା ବଳିଆରସିଂହ ହେଲେ ସ୍କୁଲ ଟପ୍ପର

ରିସୋର୍ସ ପର୍ସନ ଶୁଭ୍ରା ବଳିଆରସିଂହଙ୍କର ଜ୍ୟେଷ୍ଠା କନ୍ୟା। ପିଲାମାନଙ୍କର ଏହି ଅଭୁତପୂର୍ବ ସଫଳତା ପାଇଁ ବିଦ୍ୟାଳୟର ପ୍ରତିଷ୍ଠାତା, ଅଧ୍ୟକ୍ଷା, ପରିଚାଳନା କମିଟିର କର୍ମକର୍ତ୍ତା, ଅଭିଭାବକ ଓ ବିଦ୍ୟାଳୟର ସମସ୍ତ କର୍ମଚାରୀମାନେ ସାଧୁବାଦ ଜଣାଇଛନ୍ତି।

# କୁଶପଲାରେ ମୁକ୍ତମଞ୍ଚ ନାଟକ ଉଦଘାଟିତ



ବେଗୁନିଆ,୧୫।୪(ସମିସ): ବେଗୁନିଆ ବ୍ଲକ୍ କୁଶପଲା ଗ୍ରାମର ମା' ଜାଗେଶ୍ୱରୀ ମନ୍ଦିର ପରିସରରେ ପବିତ୍ର ପଣା ସଂକ୍ରାନ୍ତି ଅବସରରେ କଳା ସଂସଦ ପକ୍ଷରୁ ଏକ ଦିବସୀୟ ମୁକ୍ତମଞ୍ଚ ନାଟକ ଉଦ୍‌ଘାଟିତ ହୋଇଛି। ଏଥିରେ ଗ୍ରାମ୍ୟ କମିଟି ସଭାପତି ମହମ୍ମଦ ମୋହି ଉଦ୍ଦିନ ଅହମ୍ମଦ(ସିଲୁ ଭାଇ)ଙ୍କ ଅଧ୍ୟକ୍ଷତା ଓ ସମ୍ପାଦକ ଲଡୁ କିଶୋର ପଟ୍ଟନାୟକଙ୍କ ସଂଯୋଜନାରେ ସମାଜପ୍ରେମୀ ମନୋଜ କୁମାର ପ୍ରଧାନ ମୁଖ୍ୟ ଅତିଥି, ଶିକ୍ଷାବିତ୍ ସୁନୀଲ କୁମାର ପଟ୍ଟନାୟକ ମୁଖ୍ୟବକ୍ତା, ସମିତି ସଭ୍ୟ ପ୍ରକାଶ ଚନ୍ଦ୍ର ବଳିୟାର ସିଂହ, ଦଣ୍ଡ କମିଟି ସଭାପତି ନବ କିଶୋର ପାଣି, ସମ୍ପାଦକ ନିରଞ୍ଜନ ମାଟି, ପୂର୍ବତନ ଫୁଟବଲ୍ ଖେଳାଳି ଅବଦୁଲ ଦୟାନ ଖାନ, ସମାଜସେବୀ ଶିଶିର କୁମାର ଛୁଆଳ ସିଂହ, ସୁକାନ୍ତ କୁମାର ପରିଡ଼ା ଓ ମନସୁର ଖାନ ପ୍ରମୁଖ ଅତିଥି ଭାବେ ଯୋଗଦେଇ ନାଟକ ସମାଜକୁ ମୂଲ୍ୟବୋଧ ଭିତ୍ତିକ ଶିକ୍ଷା ଦେଇଥାଏ ବୋଲି ଅତିଥିମାନେ ମତ ପ୍ରକାଶ କରିଥିଲେ। ପରେ ଡଃ ସମ୍ବିତ କୁମାର ସାହୁଙ୍କ ନିର୍ଦ୍ଦେଶନାରେ ସାମାଜିକ ନାଟକ ପରିବେଷିତ ହୋଇଥିଲା।

# ନିରାକାରପୁରରେ ଆମ୍ବେଦକରଙ୍କ ଜୟନ୍ତୀ



ନିରାକାରପୁର,୧୫।୪(ସମିସ): ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ଅନ୍ତର୍ଗତ ଡିଆ ଅନୁସୂଚିତ ସାହିଠାରେ ଭାରତ ରତ୍ନ ବାବା ସାହେବ ଡଃ ବି.ଆର. ଆମ୍ବେଦକରଙ୍କ ଜନ୍ମ ବାର୍ଷିକୀ ପାଳିତ ହୋଇଯାଇଛି। ଛତ୍ରପତି ସାହୁଜୀ ମହାରାଜ ୟୁଥ୍ କ୍ଲବ୍ ଏବଂ ଡିଆ ଅନୁସୂଚିତ ସାହି ବୃନ୍ଦ କମିଟିର ମିଳିତ ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି ସମାରୋହରେ ଆରତ ନାୟକ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଇଞ୍ଜିନିୟର ପୀତବାସ ସେଠୀ, ମୁଖ୍ୟବକ୍ତା ଭାବେ ବିଧୁ ଭୂଷଣ ମହାରଣା, ସମ୍ମାନିତ ଅତିଥି ଭାବେ ସରପଞ୍ଚ ପ୍ରଶାନ୍ତ ବେହେରା ଓ ଡ. ସୁଶାନ୍ତ ଶୈଳ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମର ପ୍ରାରମ୍ଭରେ ଭଗବାନ ବୁଦ୍ଧ ଏବଂ ବାବା ସାହେବଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ଅତିଥିମାନେ ଅଭିଭାଷଣରେ ବାବା ସାହେବଙ୍କ ସମ୍ବିଧାନ ପ୍ରଣୟନ ଏବଂ ସମାଜର ପଛୁଆ ବର୍ଗଙ୍କ ଉନ୍ନତି ପାଇଁ ତାଙ୍କର ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। 'ଜୟଭୀମ, ଜୟସମ୍ବିଧାନ, ନମୋ ବୁଦ୍ଧାୟ' ଧ୍ୱନିରେ ସମଗ୍ର ପରିବେଶ ମୁଖରିତ ହୋଇଥିବା ବେଳେ ସ୍ଥାନୀୟ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଓ ସାହି ବାସିନ୍ଦା ଏଥିରେ ଯୋଗ ଦେଇଥିଲେ। ପରିଶେଷରେ ସମସ୍ତ ଅତିଥି ଓ ସହଯୋଗୀଙ୍କୁ ଧନ୍ୟବାଦ ଅର୍ପଣ କରାଯାଇଥିଲା। ଶେଷରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ରାଉତରପୁର, ସିଂଘୀପୁର, ସାନରାଉତପଡ଼ା, ବୃନ୍ଦାବନପୁର, କୁସୁମୀ ଏବଂ ବିଭିନ୍ନ ସ୍ଥାନରୁ ଭକ୍ତମାନେ ଆସି କଳିଯୁଗର ସାକ୍ଷାତ ଦେବତା ପ୍ରଭୁ ହନୁମାନଙ୍କ କୃପା ଲାଭ କରିବା ସହ ଧୁମ୍‌ଧାମରେ ପାଳନ କରିଛନ୍ତି। ମା' ଉଗ୍ରତାରା ନାରାୟଣୀ ୟୁଥ୍ କ୍ଲବ୍‌ର ସଭାପତି ରବୀନ୍ଦ୍ର କୁମାର ଭୁଜୁବଳଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ କରାଯାଇଛି। ନିଜ ନିଜର ସଂସ୍କୃତି କୁ ବଞ୍ଚାଇବାକୁ ହେଲେ ଆମେ ଓଡ଼ିଆମାନେ ଆଗକୁ ଆସିବାକୁ ପଡ଼ିବ ଯାହା କି ମା ଉଗ୍ରତାରା ନାରାୟଣୀ ୟୁଥ୍ କ୍ଲବ୍ ସଦସ୍ୟ ମାନେ ମତ ଦେଇଛନ୍ତି।

# ଶ୍ରୀରାମ ସେବକ ସଂଘ ପକ୍ଷରୁ ହନୁମାନ ଚାଳିଶା ପାଠ, ବାଇକ୍ ରାଲି



ନିରାକାରପୁର,୧୫।୪(ସମିସ): ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ଶ୍ରୀରାମ ସେବକ ସଙ୍ଘ ତରଫରୁ ରାମ ମନ୍ଦିର ପରିସର ମାରୁତି ମଣ୍ଡପରେ ଆରାଧ୍ୟ ଦେବ ଶ୍ରୀଶ୍ରୀ ସଙ୍କଟ ମୋଚନ ହନୁମାନ ଜୀଙ୍କ ଜୟନ୍ତୀ ତଥା ଦଶମ ବାର୍ଷିକ ଉତ୍ସବ ସହିତ ଓଡ଼ିଆ ନବ ବର୍ଷ ମହା ବିଷୁବ ପଣା ସଂକ୍ରାନ୍ତି ଅବସରରେ ସାମୁହିକ ଶ୍ରୀଶ୍ରୀ ୧୦୮ ହନୁମାନ ଚାଳିଶା ପାଠ, ଯଜ୍ଞ ଅନୁଷ୍ଠିତ ହୋଇଛି। ସନ୍ଧ୍ୟାରେ ଭଜନ ସମାରୋହ ସହିତ ଭକ୍ତମାନେ ପ୍ରସାଦ ସେବନ କରିଥିଲେ। ସନ୍ଧ୍ୟାରେ ସମୟରେ ନୟାଗଡ଼ ଆଞ୍ଚଳିକ ବାଳିକା ରାମ ନାଟକ ପକ୍ଷରୁ "ଲବକୁଶ ଜନ୍ମ' (ବାଲିଆ, ରଣପୁର) ମଞ୍ଚସ୍ଥ ହୋଇଥିଲା। ଏହି କଳାକାରମାନଙ୍କ ଦ୍ୱାରା ପରିବେଷିତ ହୋଇଥିବା ରାମାୟଣର ଏହି ମନୋଜ୍ଞ କାହାଣୀ ଶ୍ରଦ୍ଧାଳୁଙ୍କ ପାଇଁ ମୁଖ୍ୟ ଆକର୍ଷଣ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଶ୍ରୀରାମ ସେବକ ସଂଘ ତରଫରୁ ଅମରେନ୍ଦ୍ର ବଡ଼ପଣ୍ଡା, ରାଜେଶ ପ୍ରତିହାରୀ, ନିରାକାର ପ୍ରଧାନ, ରାଜେନ୍ଦ୍ର ସାହୁ, ଟୁଲୁ ରଣବିରୀ, ଅଶୋକ କୁମାର ବ୍ରହ୍ମ ଆଦିଙ୍କ ସମେତ ବହୁ ରାମ ପ୍ରେମୀ ବନ୍ଧୁଗଣ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା ବେଳେ ଶ୍ୟାମ ସୁନ୍ଦର ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମହା ମଣ୍ଡଳେଶ୍ୱର ମହନ୍ତ ଶ୍ରୀ ଗୋବିନ୍ଦ ଦାସ ମହାରାଜ ଚାଳିଶା ପାଠ କରିଥିଲେ। କାର୍ଯ୍ୟକ୍ରମରେ ବହୁ ଗଣ୍ୟମାନ୍ୟ ବ୍ୟକ୍ତି ପ୍ରମୁଖ ଯୋଗ ଦେଇ ଆଶିଷ ଲାଭ କରି ଥିଲେ।ସେହିପରି ଆଞ୍ଚଳିକ ହିନ୍ଦୁ ସଙ୍ଗଠନ ତରଫରୁ ଆଜି ଅପରାହ୍ନରେ ଖୋର୍ଦ୍ଧା ଜିଲ୍ଲା ରାମେଶ୍ୱର ଛକଠାରୁ ବିରାଟ ମଟର ସାଇକେଲ ରାଲି ବାହାରିଥିଲା। ଶହ ଶହ ବାଇକରେ ହିନ୍ଦୁ ସଙ୍ଗଠନ ସଦସ୍ୟ ମାନେ ହନୁମାନ ପତାକା ଲଗାଇ ଜୟ ହନୁମାନ ନାରା ଦେଇ ନିରାକାରପୁର ଶେଷ ମୁଣ୍ଡରେ ଥିବା ନୀଳକଣ୍ଠେଶ୍ୱର ଦେବଙ୍କ ପୀଠ ପାଖକୁ ଯାଇ ଥିଲେ। ସେଠାରେ ପ୍ରସାଦ ସେବନ କରାଯାଇଥିଲା। ଉଭୟ କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଭକ୍ତମାନେ ଯୋଗ ଦେଇ ହନୁମାନଙ୍କ ପୂଜାପାଠ କରିଥିଲେ।

# ଉତ୍କଳ ସମ୍ମିଳନୀ ପକ୍ଷରୁ ଓଡିଆ ନବବର୍ଷ ପାଳନ

ଖୋର୍ଦ୍ଧା,୧୫।୪(ସମିସ): ବିଡିଏ କଲୋନୀସ୍ଥିତ ଗାୟତ୍ରୀ ମନ୍ଦିର ପରିସର ରେ ଉତ୍କଳ ସମ୍ମିଳନୀ ଖୋର୍ଦ୍ଧା ଜିଲ୍ଲା ଶାଖା ପକ୍ଷରୁ ଓଡିଆ ନବବର୍ଷ ପାଳନ କରାଯାଇଛି। ଅଧିବକ୍ତା ଶିବସୁନ୍ଦର ପଟ୍ଟନାୟକଙ୍କ ସଭାପତିତ୍ୱରେ ଐତିହାସିକ ସତ୍ୟବାଦୀ ବଳିୟାରସିଂହ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଓଡିଆ ନବବର୍ଷ ପାଳନର ଆଭିମୁଖ୍ୟ, ଓଡ଼ିଆ ପରମ୍ପରା, ଓଡ଼ିଆ ଭାଷାର ସୁରକ୍ଷା ସମ୍ପର୍କରେ ଆଲୋଚନା କରିଥିଲେ। ମୁଖ୍ୟ ବକ୍ତା ଶିକ୍ଷାବିତ୍ ଭୀମସେନ୍ ପ୍ରଧାନ ଓଡ଼ିଆ ଭାଷାର ଅଧଃପତନ ସମ୍ପର୍କରେ ସୂଚନା ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଉତ୍କଳ ସମ୍ମିଳନୀ କେନ୍ଦ୍ରୀୟ କମିଟି କୋଷାଧ୍ୟକ୍ଷ ଡ.ବିମଳ ଚନ୍ଦ୍ର ଷଡ଼ଙ୍ଗୀ ଯୋଗଦେଇ ଓଡ଼ିଶା ସରକାର ଓଡିଆ ଅସ୍ମିତା ପକ୍ଷ ପାଳନ ଅବସରରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଫଟକୁ ବାଦଦେବା ପ୍ରସଙ୍ଗ ଉଲ୍ଲେଖ କରି ଏହାର ତୀବ୍ର ପ୍ରତିବାଦ କରିଥିଲେ। ସାମ୍ବାଦିକ ସମରେନ୍ଦ୍ର ବଳିୟାରସିଂହ ଉତ୍କଳ ସମ୍ମିଳନୀ କାର୍ଯ୍ୟକ୍ରମ ବିଭିନ୍ନ ବିଦ୍ୟାଳୟରେ ପାଳନ କରିବା ଉପରେ ଗୁରୁତ୍ୱ ଆରୋପ କରିବା ସହ ଭବିଷ୍ୟତ ବଂଶଧର ମାନଙ୍କୁ ପୂର୍ବସୂରୀ ମାନଙ୍କ ବିଷୟରେ ଶିକ୍ଷାଦାନ କରିବାକୁ ଅନୁରୋଧ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କୃଷ୍ଣଚନ୍ଦ୍ର ହରିଚନ୍ଦନ, ବିକ୍ରମ କେଶରୀ ଚମ୍ପତି, ପ୍ରସନ୍ନ କୁମାର ମିଶ୍ର, ଲକ୍ଷ୍ମୀଧର ବଡଜେନା, ସୁରେଶ ଚନ୍ଦ୍ର ବିଶ୍ୱାଳ, ଶଙ୍କରସାହୁ, ଉମାଶଙ୍କର ପ୍ରସାଦ, ଡ. ପ୍ରଫୁଲ୍ଲ ଚନ୍ଦ୍ର ସାମନ୍ତରାୟ, ନିତ୍ୟାନନ୍ଦ ଦାଶ, ବିଶ୍ୱନାଥ ମହାରଣା ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ଶେଷରେ ସମ୍ପାଦକ ପ୍ରସନ୍ନ କୁମାର ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ଉମାମହେଶ୍ୱର ଦେବଙ୍କ ପୀଠରେ ଅଷ୍ଟଶମ୍ଭୁ ମେଳଣ



ବାଲୁଗାଁ,୧୫।୪(ସମିସ) : ବାଲୁଗାଁ ଅଞ୍ଚଳର ସୁପ୍ରସିଦ୍ଧ ଶୈବ ପୀଠ ଶ୍ରୀଶ୍ରୀ ଉମାମହେଶ୍ୱର ଦେବଙ୍କ ପୀଠରେ ଅଷ୍ଟଶମ୍ଭୁ ମେଳଣ ମହୋତ୍ସବ ବୁଧବାର ସନ୍ଧ୍ୟାରେ ସମାପନ ହୋଇଯାଇଛି। ଏହି ଉତ୍ସବର ସ୍ଥାନାଧିପତି ଶ୍ରୀଉମାମହେଶ୍ୱର ଦେବଙ୍କ ନିମନ୍ତ୍ରଣ କ୍ରମେ ରାମେଶ୍ୱର ଦେବ ଗବପଦର, ବାଙ୍କାନିଧି ଦେବ ଗବପଦର, ସିଂହନାଥ ଦେବ ସିଙ୍ଗେଶ୍ୱର, ନୀଳକଣ୍ଠେଶ୍ୱର ଦେବ ନିମିକ୍ଷେତା, ଭଗବତ ବାସୁଦେବ ଅନ୍ତରକିଆରୀ, ଚନ୍ଦ୍ରଶେଖର ଦେବ ବଡ଼କୁଳ, ଦଧିବାମନ ଦେବ ସାନ୍ତରାପୁର, ଗୋପାଳଜୀଉ ଦେବ ପାଟଣାସାହି, ରଘୁନାଥ ଦେବ ବାଲୁଗାଁ, ରାଧାଗୋବିନ୍ଦ ଦେବ କୁଲାକୁଣ୍ଡେଇ ନୂଆଗାଁ ଠାକୁରଙ୍କ ସମେତ ମା' ଜାଗୁଳାଇ ଦେବୀ ଗଣ୍ଡରପୁର, ମା ଜାଗୁଳାଇ ଦେବୀ ପାଟଣାସାହି ଓ ମା ଚଣ୍ଡୀ ଠାକୁରାଣୀ ପ୍ରମୁଖ ମୋଟ ୧୮ ଦେବଦେବୀ ମଙ୍ଗଳବାର ରାତ୍ରିରେ ଶୋଭାଯାତ୍ରାରେ ଆସିଥିଲେ। ରାସ୍ତାରେ କୁଲାକୁଣ୍ଡେଇ ଗ୍ରାମ ପକ୍ଷରୁ ଉକ୍ତ ଗ୍ରାମ ଦେଇ ଯାତ୍ରା ପଡ଼ିଆକୁ ବିଜେ କରୁଥିବା ସମସ୍ତ ଦେବଦେବୀଙ୍କୁ ପଣାଭୋଗ ଲାଗି କରାଯାଇଥିଲା। ରାତ୍ରି ତମାମ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ବୁଧବାର ସକାଳୁ ଦିନତମାମ ହୋମଯଜ୍ଞ ଓ ପୂଜାର୍ଚ୍ଚନା ଜାରି ରହିଥିବା ବେଳେ ଅପରାହ୍ନରେ ହୋମ ପୂର୍ଣ୍ଣାହୁତି ସମାପନ ପରେ ମେଳଣ ପର୍ବ ଆରମ୍ଭ ହୋଇଥିଲା। ପ୍ରାୟ ୨୦ ହଜାରରୁ ଅଧିକ ଶ୍ରଦ୍ଧାଳଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା। ଚଳିତ ବର୍ଷ ବିମାନ ସାଜସଜ୍ଜାରେ ସିଂହନାଥ ଦେବ ସିଙ୍ଗେଶ୍ୱର ପ୍ରଥମ, ରଘୁନାଥ ଦେବ ବାଲୁଗାଁ ଦ୍ୱିତୀୟ ଓ ବୁଢ଼ାଲିଙ୍ଗେଶ୍ୱର ଦେବ ଇଞ୍ଜନପୁର ତୃତୀୟ ସ୍ଥାନ ଅଧିକାର କରି ବିଜେତା ଭାବେ ପୁରସ୍କୃତ ହୋଇଛନ୍ତି। ସେହିପରି ପଟୁଆର ଶୋଭାଯାତ୍ରାରେ ଭଗବତ ବାସୁଦେବ ଅନ୍ତରକିଆରୀ ପ୍ରଥମ, ନୀଳକଣ୍ଠେଶ୍ୱର ଦେବ ନିମିକ୍ଷେତା ଦ୍ୱିତୀୟ ଓ ରାଧାଗୋବିନ୍ଦ ଦେବ କୁଲାକୁଣ୍ଡେଇ ନୂଆଗାଁ ତୃତୀୟ ସ୍ଥାନ ହାସଲ କରି ପୁରସ୍କୃତ ହୋଇଛନ୍ତି। ଶ୍ରୀ ଶ୍ରୀ ଉମାମହେଶ୍ୱର ଦେବ ଟ୍ରଷ୍ଟ ବୋର୍ଡ ପକ୍ଷରୁ ଟ୍ରଷ୍ଟ ଦାୟିତ୍ୱରେ ଥିବା ଚିଲିକା ତହସିଲଦାର କାହ୍ନୁ ଚରଣ ଘଡ଼େଇ, ବାଲୁଗାଁ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରାଣନାଥ ସେଠଙ୍କ ସମେତ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ବାଲୁଗାଁ ଏସ୍‌ଡିପିଓ ସଞ୍ଜୟ କୁମାର ପଟ୍ଟନାୟକ ଏବଂ ଆଇଆଇସି ଜୟ ପ୍ରକାଶ ପରିଡ଼ାଙ୍କ ତତ୍ତ୍ୱାବଧାନରେ ବ୍ୟାପକ ପୁଲିସ ମୁତୟନ କରାଯାଇଥିଲା।

# ବାଣପୁରରେ ମହାବୀର ଜୟନ୍ତୀ

ବାଣପୁର,୧୫।୪(ସମିସ): ବାଣପୁରର ବିଭିନ୍ନ ହନୁମାନ ମନ୍ଦିରରେ ମହାବୀରଙ୍କ ଜୟନ୍ତୀ ପାଳନ କରାଯାଇଛି। ଅଲାଇଦିହ ଛକସ୍ଥିତ ମହାବୀର ମନ୍ଦିରରେ ତୃତୀୟ ବାର୍ଷିକ ଉତ୍ସବ ମନ୍ଦିର ପରିଚାଳନା ଟ୍ରଷ୍ଟ ପକ୍ଷରୁ ଆଡ଼ମ୍ବର ସହକାରେ ଅନୁଷ୍ଠିତ ହୋଇଯାଇଛି। ସକାଳୁ ସୂର୍ଯ୍ୟ ପୂଜା, ବରୁଣ ପୂଜା ଆରମ୍ଭ କରାଯାଇ ପୂର୍ଣ୍ଣ କଳସ ଯାତ୍ରା ଅନୁଷ୍ଠିତ ହେବା ପରେ ଯଜ୍ଞ ମଣ୍ଡପରେ ରଘୁନାଥ ଦେବଙ୍କୁ ସ୍ଥାପନା କରାଯାଇ ସଂସାରର ମଙ୍ଗଳ କାମନା ଉଦ୍ଦେଶ୍ୟରେ ଘୃତ ଯଜ୍ଞ କରାଯାଇଥିଲା। ସ୍ୱେଚ୍ଛାସେବୀ ଲୋକଙ୍କୁ ପଣା ବଣ୍ଟନ କରିଥିବା ବେଳେ ପରେ ପରିଚାଳନା କମିଟି ପକ୍ଷରୁ ଅନ୍ନ ଯଜ୍ଞ ଆୟୋଜନ ହୋଇଥିଲା। ହଜାର ହଜାର ଶ୍ରଦ୍ଧାଳୁ ଅନ୍ନ ପ୍ରସାଦ ସେବନ କରି ପ୍ରଭୁକୃପା ଲାଭ କରି ଥିଲେ। ପରେ ଯଜ୍ଞ ସମାପନ କରାଯାଇ ପୂର୍ଣ୍ଣ କୁମ୍ଭ ବିସର୍ଜନ କରାଯାଇଥିଲା। ଏହି ଉତ୍ସବରେ ବିଭିନ୍ନ ଗ୍ରାମର ସ୍ୱେଚ୍ଛାସେବୀ ସାମିଲ ହୋଇ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ମହାବୀର କମିଟିର ସଭାପତି ମନମୋହନ ସାମନ୍ତରାୟ, ସମ୍ପାଦକ ବସନ୍ତ କୁମାର ପ୍ରଧାନ, କୋଷାଧ୍ୟକ୍ଷ ଉମାକାନ୍ତ ବରାଳ, ସଭ୍ୟ ଭଗବାନ ମହାରଣା,



ପ୍ରମୋଦ କୁମାର ପଣ୍ଡା, ରାଜୀବ ଜେନା, ଜଳନ୍ଧର ରାଉତ ପ୍ରମୁଖ ସମସ୍ତ କାର୍ଯ୍ୟ ସୁପରିଚାଳନା କରିଥିଲେ। ସେହିପରି ଶ୍ରୀରଙ୍ଗନାଥ ମନ୍ଦିରସ୍ଥିତ ହନୁମାନ ମନ୍ଦିର, ଘଣ୍ଟଶିଳା ପାହାଡ ସ୍ଥିତ ହନୁମାନ ମନ୍ଦିର, ଉପକାରାଗାର ନିକଟସ୍ଥ ହନୁମାନ ମନ୍ଦିର ଏବଂ ତୁଳସୀଦେଇପୁର ହନୁମାନ ମନ୍ଦିରରେ ମହାବୀର ଜୟନ୍ତୀ ଆଡମ୍ବର ସହକାରେ ପାଳିତ ହୋଇଯାଇଛି।

# କାଶୀପୁର ଓ ମୂଳିଝରେ ମହାବୀରଙ୍କ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ

ନିରାକାରପୁର,୧୫।୪(ସମିସ): ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ଥାନା କାଶୀପୁର ଗ୍ରାମର ଚିତ୍ରକୂଟ ପାହାଡ଼ ପାଦଦେଶରେ ଥିବା ଶ୍ରୀଶ୍ରୀ ମହାବୀର ଦେବଙ୍କ ପୀଠରେ ପବିତ୍ର ମହାବିଷୁବ ସଂକ୍ରାନ୍ତି ତଥା ହନୁମାନ ଜୟନ୍ତୀ ପାଳିତ ହୋଇଛି। ଏହି ଅବସରରେ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଥିଲା। ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଶ୍ରୀଶ୍ରୀ ମହାବୀର ଦେବ ପୂଜା କମିଟି ଏବଂ କାଶୀପୁର ଗ୍ରାମବାସୀଙ୍କ ମିଳିତ ସହଯୋଗରେ ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଆଜି ପ୍ରାତଃ ସମୟରେ ଅଙ୍କୁରାରୋପଣ ଓ କଳସଯାତ୍ରା ସହିତ ଯଜ୍ଞ କାର୍ଯ୍ୟର ଶୁଭାରମ୍ଭ ହୋଇଥିଲା। ଶ୍ରଦ୍ଧାଳୁମାନେ ପୂର୍ଣ୍ଣ ରୀତିନୀତି ଅନୁଯାୟୀ କଳସ ସ୍ଥାପନ କରିଥିଲେ। ଦିନତମାମ ହୋମ-ଯଜ୍ଞ ଓ ହନୁମାନ ଚାଳିଶା ପାଠରେ ସମଗ୍ର ପରିବେଶ ଆଧ୍ୟାତ୍ମିକମୟ ହୋଇଉଠିଥିଲା। ଅପରାହ୍ଣରେ ପୂର୍ଣ୍ଣାହୁତି ପ୍ରଦାନ କରାଯାଇଥିଲା। ଏହି ଅବସରରେ ସ୍ଥାନୀୟ ଅଞ୍ଚଳର ଶତାଧିକ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ପରିଚାଳନା କରିବାରେ ପୂଜା କମିଟିର ସଦସ୍ୟ ଓ କାଶୀପୁର ଗ୍ରାମର ବୟୋଜ୍ୟେଷ୍ଠ ବ୍ୟକ୍ତିବିଶେଷ ପ୍ରମୁଖ ସହଯୋଗ କରିଥିଲେ। ଏହି ଅବସରରେ ବିଧାୟକଙ୍କ ପ୍ରତିନିଧି ପ୍ରଫୁଲ୍ଲ କୁମାର ଜେନା ଅନ୍ୟ କିଛି ଗଣ୍ୟମାନ୍ୟ ବ୍ୟକ୍ତି ପ୍ରମୁଖ ରହି ଠାକୁରଙ୍କ ଆଶିଷ ଲାଭ କରିଥିଲେ। ସେହିପରି ମୁଳିଝର ମହାବୀର ମନ୍ଦିରରେ ପ୍ରତ୍ୟେକ ବର୍ଷ ଭଳି ବାଲ ବ୍ରହ୍ମଚାରୀ ନାରାୟଣ ଦାସଙ୍କ ନେତୃତ୍ୱରେ ନିକଟସ୍ଥ ଗ୍ରାମବାସୀଙ୍କ ସହାୟତାରେ ଓଡ଼ିଆ ନବବର୍ଷ ପାଳନ କରାଯାଇ ଆସୁଅଛି।

# ଡମଣଭୂମିରେ ଶ୍ରୀଜଗନ୍ନାଥଙ୍କ ୨୪ ବେଶ ପ୍ରଦର୍ଶନ

ନିରାକାରପୁର,୧୫।୪(ସମିସ): ଖୋର୍ଦ୍ଧା ଜିଲ୍ଲା ଡମଣଭୂମି ଗ୍ରାମରେ ଆଜିଠାରୁ ଏକ ଭବ୍ୟ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଶ୍ରୀ ଜଗନ୍ନାଥଙ୍କ ୨୪ ବେଶ ପ୍ରଦର୍ଶନୀ' ଅନୁଷ୍ଠିତ ହୋଇଯାଇଛି। ପାଟ ଭଗତା ସୌନ୍ଦର୍ଯ୍ୟ କୁମାର ଜଗଦେବଙ୍କ ଆବାହକତ୍ୱରେ ଆୟୋଜିତ ଏହି ପ୍ରଦର୍ଶନୀ ଆଜିଠାରୁ ଆରମ୍ଭ ହୋଇ ଆସନ୍ତା ୧୭ ତାରିଖ ପର୍ଯ୍ୟନ୍ତ ଚାଲିବ।ଏହି କାର୍ଯ୍ୟକ୍ରମରେ ମହାପ୍ରଭୁଙ୍କ ବିଭିନ୍ନ ଦୁର୍ଲଭ ବେଶକୁ ଅତି ସୁନ୍ଦର ଭାବେ ପ୍ରଦର୍ଶିତ କରାଯାଇଛି, ଯାହା ଶ୍ରଦ୍ଧାଳୁଙ୍କ ମଧ୍ୟରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିବା ସହିତ ଜଗନ୍ନାଥ ସଂସ୍କୃତିର ପ୍ରଚାର ପ୍ରସାର ହୋଇପାରିବ।ଏହାର ଉଦଘାଟନୀ ଅବସରରେ ସରପଞ୍ଚ, ସମିତି ସଭ୍ୟ, ସମାଜସେବୀ ପ୍ରଶାନ୍ତ କୁମାର ଜଗଦ୍ଦେବ, ବିନୋଦ କୁମାର ଭୋଳ, ସଚ୍ଚିନ୍ଦ୍ର କୁମାର୍ ଜଗଦ୍ଦେବ, ସଞ୍ଜୟ କୁମାର ଜଗଦ୍ଦେବ ଏବଂ ସ୍ୱର୍ଣ୍ଣ କୁମାର ବିଧାର ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ।ଏହି ଆୟୋଜନକୁ ସଫଳ କରିବା ପାଇଁ ଡମଣଭୂମି ଗ୍ରାମବାସୀ ଏବଂ ସମସ୍ତ ଜଗନ୍ନାଥ ଶ୍ରଦ୍ଧାଳୁ ସମ୍ପୂର୍ଣ୍ଣ ସହଯୋଗ ପ୍ରଦାନ କରୁଛନ୍ତି। ଆଗାମୀ ତିନି ଦିନ ଧରି ଏହି ପ୍ରଦର୍ଶନୀରେ ଶ୍ରଦ୍ଧାଳୁ ମହାପ୍ରଭୁଙ୍କ ବିଭିନ୍ନ ବେଶ ଦର୍ଶନ କରିବାର ସୁଯୋଗ ପାଇପାରିବେ।

# ସିଦ୍ଧେଶ୍ୱରୀଙ୍କୁ ଶାରଦୀୟ ନିମନ୍ତ୍ରଣ ଲାଗି ମା' ଭଗବତୀଙ୍କ ଉତ୍ତର ଦିଗ ଯାତ୍ରା

ବାଣପୁର;୧୫।୪ (ସମିସ)

ଶ୍ରୀକ୍ଷେତ୍ରରେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କର ବାର ମାସରେ ତେର ପର୍ବ ପରି ଭଗବତୀ କ୍ଷେତ୍ର ବାଣପୁରର ଅଧିଷ୍ଠାତ୍ରୀ ଦେବୀ ମା ଭଗବତୀଙ୍କ ପୀଠରେ ବାର ମାସରେ ତେର ପର୍ବ ଅନୁଷ୍ଠିତ ହେଉଛି। ଓଡ଼ିଆ ନବ ବର୍ଷ, ପବିତ୍ର ମହାବିଷୁବ ସଂକ୍ରାନ୍ତି ତଥା ପଣା ସଂକ୍ରାନ୍ତି ଦିବସରେ ପାଳିତ ହେଉ ଥିବାବେଳେ ଦେବଦେବୀଙ୍କ ପୀଠରେ ପଣା ଭୋଗ ଲାଗି ହେବାର ଏକ ନିଆରା ପରମ୍ପରା ଚଳି ଆସୁଛି। ଏପରି ସ୍ଥଳେ ମା' ଭଗବତୀଙ୍କ ପୀଠରେ ନବ ବର୍ଷର ପ୍ରଥମ ଦିବସରେ ମା' ଉତ୍ତର ଦିଗ ରକ୍ଷାକାରିଣୀ, ଭାଟପଡ଼ା ଗଡ଼ର ଆରାଧ୍ୟା ଦେବୀ, ଶୋଲରୀ ପାହାଡ଼ ଖୋଲରେ ପୂଜିତା ଭଉଣୀ ସିଦ୍ଧେଶ୍ୱରୀଙ୍କ ପୀଠକୁ ଯାତ୍ରା କରି ଆଗମୀ ଶାରଦୀୟ ପାର୍ବଣ ଲାଗି ମା' ସିଦ୍ଧେଧଶ୍ୱରୀଙ୍କୁ ନିମନ୍ତ୍ରଣ କରି ମା'ଙ୍କ ଆଜ୍ଞାମାଳ ନେଇ ଫେରିବା, ମା' ଭଗବତୀଙ୍କ ମାନବୀୟ ଲୀଳାର ଏକ ନିଆରା ପରମ୍ପରା କାହିଁ କେଉଁ ଅନାଦି କାଳରୁ ଚଳି ଆସୁଛି। ଦକ୍ଷେଶ୍ୱର ଭଗବତୀ ଦେବୋତ୍ତର କାର୍ଯ୍ୟାଳୟ କାର୍ଯ୍ୟନିର୍ବାହୀ ବାଳମୁକୁନ୍ଦ ଦାସ, ସେବକ, ପରିଚ୍ଛା, କାଠି ନାହାକ ଓ ନିଯୋଗୀ ସେବାୟତଙ୍କ ଗହଣରେ ମା ଭଗବତୀ ବାଟରେ ଗଲା ବେଳେ ବଡ଼ହନୁଆଡ଼ ଗ୍ରାମର ଆରାଧ୍ୟ ଦଣ୍ଡ ଠାକୁର ରାଜରାଜେଶ୍ୱର ଦେବ ମା'ଙ୍କୁ ନିମନ୍ତ୍ରଣ କରି ପାଟ ପଟୁଆର ସହ ଗ୍ରାମ ପରିକ୍ରମା କରାଇବା ପରେ ମା' ଅନ୍ଧାରିଆ ଜଙ୍ଗଲିଆ ରାସ୍ତା ଦେଇ ମଶାଲ



ଆଲୁଅରେ ଶୋଲରୀ ପାହାଡ଼ ପାଦଦେଶରେ କଣ୍ଟାଳିଆ ଜଙ୍ଗଲ ବାଟରେ ତାଳଖାଇ

ଠାକୁରାଣୀଙ୍କ ପୀଠରେ ପହଞ୍ଚି ବିଶ୍ରାମ ନିଅନ୍ତି। ମା'ଙ୍କ ଭରସାରେ ବିଶ୍ୱାସର ସହିତ ସ୍ୱପାଦରେ ଅନ୍ଧାର, ପାହାଡ଼ିଆ ସଂକୀର୍ଣ୍ଣ କଣ୍ଟକ ପୂର୍ଣ୍ଣ ରାସ୍ତା ସହ ହିଂସ୍ର ଜନ୍ତୁମାନଙ୍କ ଆଶ୍ରୟସ୍ଥଳ ହୋଇଥିଲେ ମଧ୍ୟ ପାଦରେ କଣ୍ଟାଟିଏ ଲାଗି ନାହିଁ କି କେବେ ହେଲେ କାହାର କୌଣସି ଅନିଷ୍ଟ ହୋଇ ନାହିଁ ବୋଲି ସେବାୟତମାନେ କହନ୍ତି। ପଣାପାଣି ସାରି ମା' ଯାତ୍ରା କରି ଭାଟପଡ଼ା ଗଡ଼ର ପଶ୍ଚିମ ଦିଗରେ ପୂଜା ପାଉଥିବା ଗ୍ରାମ ଦେବତୀଙ୍କ ମନ୍ଦିରରେ ପହଞ୍ଚିବା ପରେ ଭାଟପଡ଼ା ଗଡ଼ର ଦଳବେହେରାଙ୍କ ସହ ଗ୍ରାମବାସୀ ମା' ଭଗବତୀଙ୍କୁ ପୁଷ୍ପ ଚନ୍ଦନ ଦେଇ ନିମନ୍ତ୍ରଣ କରିବା ପରେ ମା' ଗଡ଼ ପରିକ୍ରମା କରି ଅନ୍ଧାର ମଧ୍ୟରେ ଶୋଲରୀ ପାହାଡ଼ ଖୋଲ ଉପରେ ପୂଜିତା ମା' ସିଦ୍ଧେଶ୍ୱରୀଙ୍କ ପୀଠରେ ବିଜେ କରିଥିଲେ। ମନ୍ଦିରର ଜାନି ସଂପ୍ରଦାୟର ପୂଜକ ମାନେ ଦୁଇ ଭଉଣୀ ମା' ଭଗବତୀ ଓ ମା' ସିଦ୍ଧେଶ୍ୱରୀଙ୍କ ପାଇଁ ଚୁଡ଼ା ଗୁଡ଼ ନୈବେଦ୍ୟ ଅର୍ପଣ କରି ଆଜ୍ଞାମାଳ କରିବା ପରେ ଜଣେ ପୂଜକ ଧଳା ଲୁଗା ଘୋଡ଼େଇ ହୋଇ ଆଜ୍ଞାମାଳ ନେଇ ଫେରିବା ବେଳେ ଦଳବେହେରାଙ୍କ ଦୁଆରେ ପହଞ୍ଚିବା ପରେ ମା' ପନ୍ତି ଭୋଗ ଖାଇ ରାତ୍ରିର ଶେଷ ପ୍ରହରରେ ପିତ୍ରାଳୟ ଦକ୍ଷେଶ୍ୱର ମନ୍ଦିରକୁ ଫେରିବା ବାଟରେ ମା ଟିକିରାଇ ମନ୍ଦିରରେ ପଣା ଭୋଗ ଓ ଖମାର ଠାରେ ଗଜପତି ମହାରାଜାଙ୍କ ଦ୍ୱାରା ପ୍ରଚଳିତ ନିଶଙ୍କୁଡ଼ି ଭୋଗ ଲାଗି ହୋଇ ମା' ଭଗବତୀ ପ୍ରତ୍ୟାବର୍ତ୍ତନ କରିବାର ଏକ ଅନନ୍ୟ ପରମ୍ପରା ଚଳି ଆସୁଛି।

